# ବିରଞ୍ଚି ଦାଶ ପାଇଲେ ନେସନ ବିଲ୍ଡର ସମ୍ମାନ



କଣ୍ଟାବାଞ୍ଜି, ୧।୪(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକର ଜୁନିଅର ରେଡକ୍ରସ ପରାମର୍ଶଦାତା ତଥା ପଖନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କଣ୍ଟାବାଞ୍ଜି ସହରର ନୂଆପଡ଼ା ବାସିନ୍ଦା ବିରଞ୍ଚି ନାରାୟଣ ଦାଶ ନେସନ ବିଲ୍ଡର ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ଉତ୍କଳ ଗୌରବ ଫାଉଣ୍ଡେସନ ଓ ରୋଟାରୀ କ୍ଲବ୍ ପକ୍ଷରୁ ତାଙ୍କୁ ଉପଢୌକନ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷାଦାନ, କରୋନା ସମୟରେ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ବଣ୍ଟନ, ବୁଲା ଗାଈଗୋରୁ, କୁକୁରଙ୍କୁ ଖାଦ୍ୟ ଯୋଗାଣ, ହରିଶଙ୍କରରେ ଥିବା ମାଙ୍କଡ଼ଙ୍କୁ ଖାଦ୍ୟ ଦେବା, ସମାଜସେବା, ବେଟି ବଚାଓ ବେଟି ପଢ଼ାଓ, ବାଲ୍ୟବିବାହ ରୋକିବା, ନିଶାମୁକ୍ତ ଅଭିଯାନ, ପ୍ଲାଷ୍ଟିକ ବର୍ଜନ, ରକ୍ତଦାନ, ରକ୍ତଦାନ ଶିବିର ଆୟୋଜନ, ସଡ଼କ ସୁରକ୍ଷା ଅଭିଯାନ, ଜଙ୍ଗଲ ସୁରକ୍ଷା, ଚାରାରୋପଣ, ବନାଗ୍ନି ନିବାରଣ ସଭା, ଦୁର୍ଘଟଣାଗ୍ରସ୍ତଙ୍କୁ ଚିକିତ୍ସା ଇତ୍ୟାଦି ବିଭିନ୍ନ ସାମାଜିକ କାର୍ଯ୍ୟକଳାପ ପାଇଁ ତାଙ୍କୁ ସମ୍ମାନିତ କରାଯାଇଛି। ସଭାରେ ରୋଟାରୀ କ୍ଲବର ଡିଷ୍ଟ୍ରିକ ଗଭର୍ଣ୍ଣର ମନୋଜ ତ୍ରିପାଠୀ, କ୍ଲବ୍, ସମ୍ପାଦିକା ସୁନୀତା ମହାନ୍ତି, ମେଜର ଡାକ୍ତର କଳ୍ପନା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ଶ୍ରୀ ଦାଶ ହିଆଲ କ୍ଲଷ୍ଟରର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଭାବରେ କାର୍ଯ୍ୟରତ। ସେ ପ୍ରକୃତିବନ୍ଧୁ, ଆଦର୍ଶ ଶିକ୍ଷକ, ରକ୍ତବୀର ଭଳି ଅନେକ ପୁରସ୍କାର ପାଇଛନ୍ତି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଚିକିତ୍ସା ବ୍ୟବସ୍ଥା ହୁଗୁଳା

ବଲାଙ୍ଗିର, ୧।୪(ସମିସ)

- ୫୦ ପ୍ରତିଶତରୁ ଅଧିକ ଡାକ୍ତର ଓ ବିଶେଷଜ୍ଞ ପଦ ଖାଲି
- ହୃଦରୋଗୀଙ୍କ ପାଇଁ ଯମପୁର
- ଡିଏଚଏସ, ସିଏଚସି ଓ ପିଏଚସିକୁ ଗୁରୁତ୍ୱ ନାହିଁ

ରାଜ୍ୟ ସରକାରଙ୍କ ଟାଣୁଆ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅତ୍ୟନ୍ତ ଖରାପ। ଜିଲ୍ଲାରେ ଥିବା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର, ଉପକଣ୍ଠ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ରରେ ୫୦ ପ୍ରତିଶତରୁ ଅଧିକ ସଂଖ୍ୟକ ଡାକ୍ତର ପଦ ଖାଲିପଡ଼ିଛି। କେବଳ ଡାକ୍ତର କାହିଁକି ଜିଲ୍ଲାରେ ପାରାମେଡିକାଲ କର୍ମଚାରୀ ପଦବୀ ମଧ୍ୟ ଡାକ୍ତର ପଦବୀ ଭଳି ବହୁ ସଂଖ୍ୟାରେ ଖାଲି ପଡ଼ିଛି। ଗୋଟିଏ ପଟେ ରାଜ୍ୟରେ କିଛି ବର୍ଷ ଭିତରେ ଏକାଧିକ ମେଡିକାଲ କଲେଜ ଆରମ୍ଭ ହୋଇସାରିଛି। ତଥାପି ଜିଲ୍ଲାରେ ଡାକ୍ତରଙ୍କ ଅଭାବ। ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ରୋଗୀଙ୍କ ଭରସା ତୁଟିବାକୁ ବସିଛି। ମେଡିକାଲ କଲେଜ ଡାକ୍ତରଖାନା ମଧ୍ୟ ଏବେ ରେଫେରାଲ କେନ୍ଦ୍ର ସାଜିଛି। ଏହାଫଳରେ ଜିଲ୍ଲାର ରୋଗୀ ସମ୍ବଲପୁର ଜିଲ୍ଲା ବୁର୍ଲା ମେଡିକାଲ କଲେଜ ଡାକ୍ତରଖାନା ଉପରେ ବିଶେଷ ଭାବେ ନିର୍ଭର କରୁଛନ୍ତି।

ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଉପରୁ ଲୋକଙ୍କ ଭରସା ତୁଟୁଛି। ଗତ କିଛି ମାସ ଭିତରେ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଜିଲ୍ଲାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ରେଫେରାଲ କେନ୍ଦ୍ର ସାଜିଥିବା ଅଭିଯୋଗ ହୋଇଆସୁଛି। ଏହାର ଏକ ପ୍ରମୁଖ କାରଣ ଡାକ୍ତର ଓ ପାରାମେଡିକାଲ କର୍ମଚାରୀ ଅଭାବ। ରୋଗୀମାନେ ନାମକୁ ମାତ୍ର ସ୍ଥାନୀୟ ସିଏଚସି ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଉଛନ୍ତି। ୭୦ ପ୍ରତିଶତ ରୋଗୀଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ମେଡିକାଲ କଲେଜ ଡାକ୍ତରଖାନାରେ ମଧ୍ୟ କେବଳ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ବିଭାଗୀୟ ସୂଚନା ଅନୁସାରେ ଜିଲ୍ଲାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ପ୍ରାୟ ୫୦ ପ୍ରତିଶତରୁ ଅଧିକ ଡାକ୍ତର ପଦବୀ ଖାଲି ପଡ଼ିଛି। ୬୦୧ ମଞ୍ଜୁର ପଦବୀରୁ ୩୨୩ ପଦବୀରେ ଡାକ୍ତର ନାହାନ୍ତି। ଜିଲ୍ଲା ପାଇଁ ୨୪ଟି ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ମଞ୍ଜୁର ପଦବୀ ରହିଛି। ୧୩ ଜଣ ବିଶେଷଜ୍ଞ ରହିଥିବା ବେଳେ ୧୧ଟି ପଦବୀ ଖାଲି ପଡ଼ିଛି। ୪ଟି ନିଶ୍ଚେତକ ବିଶେଷଜ୍ଞ ପଦବୀ ରହିଛି। ମାତ୍ର ଜଣେ ରହିଥିବା ବେଳେ ୩ ବିଶେଷଜ୍ଞ ପଦବୀ ଖାଲି ରହିଛି। ଗୋଟିଏ ମାତ୍ର ହୃଦ୍‌ରୋଗ ବିଶେଷଜ୍ଞ ପଦବୀ ରହିଛି। ତେବେ ଗୋଟିଏ କର୍ଣ୍ଣ, ନାସା ଓ ଗଳା ବିଶେଷଜ୍ଞ ପଦବୀ ମଞ୍ଜୁର ହୋଇଥିବା ବେଳେ ୩ ଜଣ ଅଧିକ ରହିଛନ୍ତି। ସେହିଭଳି ୪ଟି ଚକ୍ଷୁ ବିଶେଷଜ୍ଞ ମଞ୍ଜୁର ପଦବୀରେ ଜଣେ ଅଧିକ ଅଛନ୍ତି। ୩ଟି ଅସ୍ଥିରୋଗ ବିଶେଷଜ୍ଞ ମଞ୍ଜୁର ପଦବୀରେ ମାତ୍ର ଜଣେ ବିଶେଷଜ୍ଞ କାର୍ଯ୍ୟରତ। ୨ଟି ପଦବୀ ଖାଲିପଡ଼ିଛି। ୨୩ଟି ଶିଶୁ ରୋଗ ବିଶେଷଜ୍ଞ ମଞ୍ଜୁର ପଦବୀ ରହିଥିବା ବେଳେ ୧୨ ଜଣ ବିଶେଷଜ୍ଞ କାର୍ଯ୍ୟରତ ଥିବା ବେଳେ ୧୧ ପଦବୀ ଖାଲି ପଡ଼ିଛି। ୧୯ଟି ମଞ୍ଜୁର ଶୈଲ୍ୟ ବିଶେଷଜ୍ଞ ପଦବୀ ଜିଲ୍ଲାରେ ରହିଥିବା ବେଳେ ମାତ୍ର ୬ ଜଣ ବିଶେଷଜ୍ଞ ବର୍ତ୍ତମାନ ସମୟରେ କାର୍ଯ୍ୟରତ ଥିବା ବେଳେ ୧୩ଟି ପଦବୀ ଖାଲି ପଡ଼ିଛି। ଗୋଟିଏ ଏଫଏମଟି ବିଶେଷଜ୍ଞ ପଦବୀକୁ ଜିଲ୍ଲା ପାଇଁ ମଞ୍ଜୁରୀ ମିଳିଥିବା ବେଳେ ତାହା ମଧ୍ୟ ଖାଲି ପଡ଼ିଛି। ସେହିପରି ୧୯ଟି ଜେନେରିକ ମେଡିସିନ ପଦବୀକୁ ମଞ୍ଜୁରୀ ମିଳିଥିବା ବେଳେ ବର୍ତ୍ତମାନ ସମୟରେ ୧୦ ଜଣ ବିଶେଷଜ୍ଞ କାର୍ଯ୍ୟରତ ଥିବା ବେଳେ ୯ ପଦବୀ ଖାଲିପଡ଼ିଛି। ସେହିପରି ୪୫୪ ସାଧାରଣ କର୍ତ୍ତବ୍ୟ ଚିକିତ୍ସା ଅଧିକାରୀ ଓ ଦୀର୍ଘ ମିଆଦୀ ବାସିନ୍ଦା ଚିକିତ୍ସା ଅଧିକାରୀ ପଦବୀକୁ ମଞ୍ଜୁରୀ ମିଳିଥିବା ବେଳେ ମାତ୍ର ୨୦୯ ଜଣ କାର୍ଯ୍ୟରତ ରହିଛନ୍ତି। ୨୪୫ ପଦବୀ ଖାଲି ରହିଛି। ସେହିପରି ୮ ଜଣ ୱିଙ୍ଗ ଅଫିସର ମଞ୍ଜୁରୀ ପଦବୀରେ ୬ ଜଣ କାର୍ଯ୍ୟରତ ଥିବା ବେଳେ ୨ ପଦବୀ ଖାଲି ରହିଛି। ଅନ୍ୟପକ୍ଷରେ ୩୧ଟି ବିପିଏଚଓ କିମ୍ବା ଅଧୀକ୍ଷକ ବର୍ଗରେ ୩୧ଟି ମଞ୍ଜୁର ପଦବୀ ରହିଥିବା ବେଳେ ମାତ୍ର ୨ ଜଣ ନିୟୋଜିତ ରହିଥିବା ବେଳେ ୨୯ ପଦବୀ ଖାଲିପଡ଼ିଛି। ଏହିଭଳି ଭାବେ ଡାକ୍ତର ଓ ବିଶେଷଜ୍ଞ ବର୍ଗରେ ଜିଲ୍ଲା ପାଇଁ ୬୦୧ ପଦବୀ ମଞ୍ଜୁର ହୋଇଥିବା ବେଳେ ୨୭୮ ଜଣ କାର୍ଯ୍ୟରତ ଥିବା ବେଳେ ୩୨୩ ପଦବୀ ଖାଲିରହିଛି; ଯାହାକି ଅତ୍ୟନ୍ତ ଚିନ୍ତାଜନକ ବିଷୟ। ଜିଲ୍ଲାରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ବ୍ୟତୀତ ଗୋଟିଏ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୨ଟି ଉପଖଣ୍ଡ ଚିକିତ୍ସାଳୟ, ୧୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨ଟି ୟୁପିଏଚସି ଓ ୩ଟି ୟୁଏଚଡବ୍ଲୁସି ରହିଛି। ଏହି ସବୁ ସ୍ୱାସ୍ଥ୍ୟକେନ୍ଦ୍ର ଯୋଗୁଁ ଜିଲ୍ଲାରେ ଆଭ୍ୟନ୍ତରୀଣ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିଥିବା ବେଳେ ଏତେ ସଂଖ୍ୟାରେ ଡାକ୍ତର ଓ ବିଶେଷଜ୍ଞ ପଦବୀ ଖାଲିପଡ଼ିବା ଯୋଗୁଁ ଏହି ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସ୍ୱାସ୍ଥ୍ୟସେବା ରୋଗୀଙ୍କୁ ପ୍ରଦାନ କରିବାରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ବିଶେଷଜ୍ଞ ପଦବୀ ଖାଲି ରହିଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରୋଗୀମାନେ ସେବା ନ ପାଇ ସିଧାସଳଖ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା କିମ୍ବା ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଗୋଟିଏ ପଟେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ରାଜ୍ୟରେ ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି ହେବା ସହ ମେଡିକାଲ କଲେଜ ସଂଖ୍ୟା ବୃଦ୍ଧି କରାଯାଉଥିବା ନେଇ ବାହାବା ନେଉଛନ୍ତି। ହେଲେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଏହିଭଳି ଅବସ୍ଥା ସମସ୍ତଙ୍କୁ ଚକିତ କରିଛି।

## କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାର ଅଚଳ ଘଟଣା

# ଲାଇସେନ୍ସ ନବୀକରଣ ପାଇଁ ଅନୁମତି ଦେଉନି କେନ୍ଦ୍ର

କଣ୍ଟାବାଞ୍ଜି, ୧।୪(ସମିସ)

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାର ଗତ ଫେବୃଆରୀ ମାସରୁ ଅଚଳ ହୋଇପଡ଼ିଛି। କେନ୍ଦ୍ର ସରକାରଙ୍କ ଡ୍ରଗ୍ସ ବିଭାଗର ଅଧିକାରୀମାନେ ତଦନ୍ତ ପାଇଁ ଏହି ରକ୍ତ ଭଣ୍ଡାର ଲାଇସେନ୍ସ ନବୀକରଣ ନ ହେବାଯାଏ ରକ୍ତ ଭଣ୍ଡାର ଅଚଳ କରିବାକୁ ନିର୍ଦ୍ଦେଶ





ଦେଇଥିଲେ; ଯାହାଫଳରେ ରକ୍ତ ଭଣ୍ଡାର ଅଚଳ ହୋଇଛି। ଏହାଯୋଗୁଁ ଅଞ୍ଚଳ ଶହ ଶହ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏନେଇ ବିଜୁ ଜନତା ଦଳ ଏବଂ ଓଡ଼ିଶା ଜନତା କଂଗ୍ରେସ ଦାବି ଆନ୍ଦୋଳନ କରିଛି। ବିଜେଡି ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ରକ୍ତ ଭଣ୍ଡାର ସମୁଖୀରେ ଧାରଣା ଦିଆଯାଇଥିଲା। ରାଜ୍ୟ ସରକାର ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ମିଳିନି। ଏହାଫଳରେ କଣ୍ଟାବାଞ୍ଜି ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତଭଣ୍ଡାର ଲାଇସେନ୍ସ ନବୀକରଣ ପାଇଁ ରାଜ୍ୟ ସରକାରଙ୍କ ଡ୍ରଗ୍ସ ବିଭାଗ ମାର୍ଚ୍ଚ ୨୩ ତାରିଖରେ ଅନୁମତି ଦେଇଛି। ବର୍ତ୍ତମାନ ଯାଏ କିନ୍ତୁ କେନ୍ଦ୍ର ସରକାରଙ୍କ ଡ୍ରଗ୍ସ ବିଭାଗ ଅନୁମତି ଦେଇନାହିଁ। ଏହାଫଳରେ ରକ୍ତ ଭଣ୍ଡାର ଅଚଳ ରହିଛି। କେନ୍ଦ୍ର ଅନୁମତି ପରେ ହିଁ ରକ୍ତ ଭଣ୍ଡାର କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି।

### ସେମାନଙ୍କ ମୁହଁରୁ...



ଗତ କିଛି ଦିନ ତଳେ ଆମେ ମେଡିକାଲ ଅଫିସରଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛୁ। ଅଞ୍ଚଳବାସୀଙ୍କ ସମସ୍ୟା ପ୍ରତି ସରକାର କିନ୍ତୁ ନଜର ଦେଉନାହାନ୍ତି। ରବିବାର ମଧ୍ୟରେ ରକ୍ତଭଣ୍ଡାର କାର୍ଯ୍ୟକାରୀ ନ ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ ଭୁବନେଶ୍ୱର ବାସଭବନ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନ କରି ଆଇନ ଅମାନ୍ୟ ଆନ୍ଦୋଳନ କରିବୁ। ଏଥିପାଇଁ ଯେଉଁ ପ୍ରକାର ପରିସ୍ଥିତି ଉପୁଜିବ ସରକାର ଓ ପ୍ରଶାସନ ଦାୟୀ ରହିବେ।

ରୂପେଶ ବେହେରା (ସଂଯୋଜକ, ଓଡ଼ିଶା ଜନତା କଂଗ୍ରେସ, ବଲାଙ୍ଗୀର ଜିଲ୍ଲା)



କଣ୍ଟାବାଞ୍ଜିରେ ରକ୍ତଭଣ୍ଡାର ଥିବା ଯୋଗୁଁ ଏହି ଅଞ୍ଚଳର ରୋଗୀମାନେ ଠିକ୍ ଭାବରେ ରକ୍ତ ପାଉଥିଲେ ଏବଂ ତାଙ୍କ ଜୀବନ ବଞ୍ଚୁଥିଲା। ରକ୍ତ ପାଇଁ ଅନେକ ରୋଗୀ ଆମ ସହ ଯୋଗାଯୋଗ କରୁଥିଲେ। ଆମେ ତୁରନ୍ତ ଆସି ରକ୍ତଦାନ କରିବା ବ୍ୟବସ୍ଥା କରି ତାଙ୍କୁ ରକ୍ତ ଯୋଗାଇବାରେ ସହଯୋଗ କରୁଥିଲୁ। ବର୍ତ୍ତମାନ ରକ୍ତଦାନ କରିବାକୁ ଆମକୁ ବହୁତ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ରକ୍ତ ପାଇଁ ଲୋକଙ୍କୁ ପାଟଣାଗଡ଼ ଓ ବଲାଙ୍ଗୀର ଯିବାକୁ ପଡୁଛି। ସରକାର ତୁରନ୍ତ ଏହି ରକ୍ତ ଭଣ୍ଡାର ଚାଲୁ କରନ୍ତୁ।

ଆଶିଷ ଲାଠ (ପୂର୍ବତନ ସଭାପତି, ମାରୱାଡ଼ି ଯୁବା ମଞ୍ଚ, କଣ୍ଟାବାଞ୍ଜି)



କଣ୍ଟାବାଞ୍ଜି ରକ୍ତ ଭଣ୍ଡାର ଗତ ୨ମାସ ହେଲା ଅଚଳ ହୋଇ ପଡ଼ିଛି; ଯାହା କି ଅତି ଦୁଃଖର ବିଷୟ। ଜରୁରୀକାଳୀନ ସମୟରେ ରୋଗୀ କଣ୍ଟାବାଞ୍ଜି ଡାକ୍ତରଖାନାରୁ ରକ୍ତ ନ ପାଇବାରୁ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଜନ ସାଧାରଣ ରକ୍ତ ଭଣ୍ଡାର ଅଚଳ ଥିବା ଫଳରେ ନୟାନ୍ତ ହେଲେଣି। ବଲାଙ୍ଗୀର ଜିଲ୍ଲାରୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରତିନିଧିତ୍ୱ କରୁଛନ୍ତି। ଏହା ସତ୍ତ୍ୱେ ମଧ୍ୟ ଜିଲ୍ଲାର ଏଭଳି ଗୋଟିଏ ପ୍ରମୁଖ ଡାକ୍ତରଖାନାରେ ଏହିଭଳି ସମସ୍ୟା ଦେଖାଦେବା ଲଜ୍ଜାର ବିଷୟ। ତେଣୁ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟମନ୍ତ୍ରୀ ଏହା ଉପରେ ନଜର ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ।

ବିଧୁ ଭୂଷଣ ଗୁରୁ (ଯୁବ ଆଇନଜୀବୀ, କଣ୍ଟାବାଞ୍ଜି)

### ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ କଟକ ବିଧାୟିକା ସୋଫିଆ



କଣ୍ଟାବାଞ୍ଜି: ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାର ଗତ ୨ମାସ ହେଲା ଅଚଳ। ଏଣୁ ଏଠାର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ କି ରାଜ୍ୟ ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଦେଖାଯାଉନି। ଏହି ସମସ୍ୟାର ସମାଧାନ ବାଟ ବାହାର କରାଯାଉନି। ଏଥିଯୋଗୁଁ କଣ୍ଟାବାଞ୍ଜି ଅଞ୍ଚଳରେ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ସମୟରେ କଣ୍ଟାବାଞ୍ଜି ଅଞ୍ଚଳବାସୀଙ୍କ ଏହି ସମସ୍ୟା ପ୍ରତି ଆନ୍ତରିକତା ଦେଖାଇ କଟକ ବିଧାୟିକା ସୋଫିଆ ଫିରଦୋସ୍ ବଲାଙ୍ଗୀର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ଦୀର୍ଘ ଦିନ ଧରି ଏହି ରକ୍ତ ଭଣ୍ଡାର ଅଚଳ ହେତୁ ଏହି ଅଞ୍ଚଳର ହଜାର ହଜାର ଜନ ସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ଦିନରେ ଏହି ସମସ୍ୟା ଆହୁରି ଜଟିଳ ହେବା ଜଳ ଜଳ ଦିଶୁଛି। ଏହା ପୂର୍ବରୁ ପ୍ରଶାସନ ନଜର ଦେଇ ଏହି ରକ୍ତ ଭଣ୍ଡାରକୁ ଶ୍ରୀଘ୍ର ପୂର୍ବଭଳି ଚାଲୁ କରାଯାଉ। ଏହାଯାହାଫଳରେ ଏହି ଅଞ୍ଚଳର ଲୋକେ ଉପକୃତ ହେବେ ବୋଲି ସେ ଲେଖିଛନ୍ତି। କଣ୍ଟାବାଞ୍ଜି ଅଞ୍ଚଳବାସୀଙ୍କ ସମସ୍ୟା ପ୍ରତି ଏଯାଏ ବଲାଙ୍ଗୀର ଜିଲ୍ଲାର କୌଣସି ବିଧାୟକ ନଜର ଦେଇ ନ ଥିବା ବେଳେ ଅନ୍ୟ ଜିଲ୍ଲାର ଜଣେ ବିଧାୟିକା ନଜର ଦେଇ ଆନ୍ତରିକତା ଦେଖାଇବା ପୁଣି ଜିଲ୍ଲାପାଳଙ୍କୁ ଚିଠି ଲେଖିବା ଶୁଣି କଣ୍ଟାବାଞ୍ଜି ଅଞ୍ଚଳବାସୀ ସୋଫିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# କଣ୍ଟାବାଞ୍ଜିକୁ ସ୍ୱତନ୍ତ୍ର ଜିଲ୍ଲା ଦାବି ନେଇ ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ବିଧାୟକ





କଣ୍ଟାବାଞ୍ଜି, ୧।୪(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜିକୁ ଏକ ସ୍ୱତନ୍ତ୍ର ରାଜସ୍ୱ ଜିଲ୍ଲା ମାନ୍ୟତା ଦାବି ନେଇ ଅନେକ ଦିନରୁ ଦାବି ହୋଇ ଆସୁଛି। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

କଣ୍ଟାବାଞ୍ଜି ସହର ତଥା ଆଖପାଖ ଅଞ୍ଚଳର ବିକାଶକୁ ନେଇ ସ୍ୱତନ୍ତ୍ର ଜିଲ୍ଲା ହେଲେ ଅନେକ ସାଧାରଣ ଲୋକ ଉପକୃତ ହେବେ। ଏହାସହ ଅଞ୍ଚଳର ବିକାଶ ହେବ ବୋଲି ଦାବିପତ୍ରରେ ସେ ଉଲ୍ଲେଖ କରିଛନ୍ତି। ସରକାର ଯଦି ରାଜ୍ୟରେ ନୂତନ ଜିଲ୍ଲା ଗଠନ କରିବା ଲାଗି ପ୍ରସ୍ତୁତ କରୁଛନ୍ତି ତେବେ କଣ୍ଟାବାଞ୍ଜିକୁ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଦେବା ପାଇଁ ବିଧାୟକ ଦାବି କରିଛନ୍ତି। ତେବେ କଣ୍ଟାବାଞ୍ଜିର ଭୌଗଳିକ ସ୍ଥିତି ଦେଖି ପ୍ରଥମେ ପ୍ରାଧାନ୍ୟ ଦେଇ ବିଚାର କରାଯିବ ବୋଲି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେହିଭଳି କଣ୍ଟାବାଞ୍ଜି ଅଞ୍ଚଳରେ ବିକାଶ ପାଇଁ ଚେଷ୍ଟା କରାଯିବ। ଦାବିପତ୍ର ଅନୁଯାୟୀ ବିଚାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ବଲାଙ୍ଗିରରେ ୯୧ତମ ପୁଲିସ୍ ପ୍ରତିଷ୍ଠା ଦିବସ ଉତ୍ସବ



ବଲାଙ୍ଗିର, ୧।୪(ସମିସ): ବଲାଙ୍ଗିର ରିଜର୍ଭ ପଡ଼ିଆରେ ଜିଲ୍ଲା ପୁଲିସ ପକ୍ଷରୁ ୯୧ତମ ପୁଲିସ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଏସ୍‌ପି ଅଭିଲାଷ ଜି. ଉପସ୍ଥିତ ରହି ପୁଲିସ ବିଭାଗର ସଫଳତା ବିଷୟରେ କହିଥିଲେ।

ଏହି ଅବସରରେ ଶହୀଦ ପୁଲିସ୍ ଜବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ପୁଲିସ୍ ବାହିନୀ ଦ୍ୱାରା ପରେଡ ସହ ସଲାମି ଦିଆଯାଇଥିଲା। ଏସ୍‌ପି ତାଙ୍କ ଭାଷଣରେ କହିଥିଲେ ଯେ, ସମାଜରେ ଆଇନ-ଶୃଙ୍ଖଳା ବଜାୟ ରଖିବା ସହ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ପୁଲିସ୍ ବାହିନୀ ସଦା ନିଷ୍ଠା ଓ ସମର୍ପଣର ସହ କାମ କରୁଛି। ସେ ଆଗାମୀ ଦିନରେ ଆହୁରି ସୁଦୃଢ଼ ଓ ଜନମୁଖୀ ପୁଲିସିଂ ପାଇଁ ସମସ୍ତଙ୍କୁ ପ୍ରେରିତ କରିଥିଲେ। ଏହି ଅବସରରେ ଉତ୍କୃଷ୍ଟ ସେବା ପାଇଁ ଜିଲ୍ଲାର ପୁଲିସ୍ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା।

# କଣ୍ଟାବାଞ୍ଜି ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ପକ୍ଷରୁ ପ୍ରତାପଙ୍କୁ ଶ୍ରଦ୍ଧାଞ୍ଜଳି

କଣ୍ଟାବାଞ୍ଜି, ୧।୪(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟିର ପୂର୍ବତନ କୋଷାଧକ୍ଷ ତଥା ବରିଷ୍ଠ କଳାକାର ପ୍ରତାପ ସୁନା ଆଉ ନାହାନ୍ତି। ତାଙ୍କ ବିୟୋଗରେ ବୁଧବାର କଣ୍ଟାବାଞ୍ଜି ସହର ସମ୍ବିଧାନ ଛକଠାରେ ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପ୍ରତାପଙ୍କ ସ୍ମୃତିଚରଣ କରାଯାଇଥିଲା। ତାଙ୍କ ଲୋକପ୍ରିୟତା ଓ ଜୀବନୀ ଉପର ସମସ୍ତେ ଆଲୋକପାତ କରିଥିଲେ। ତାଙ୍କ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗୋବିନ୍ଦ ତାଣ୍ଡି, ଅନିଲ ବିଭାର, ସମ୍ପାଦକ ରୋହନ ମହତ, କାର୍ଯ୍ୟକାରୀ ସଭାପତି ଛଟୁ ମାହାନନ୍ଦ, ଉପଦେଷ୍ଟା ଗୋବିନ୍ଦ ତାଣ୍ଡି, ରମେଶ ଚନ୍ଦ୍ର ମହାନନ୍ଦ, ରତିଦ୍ର ରାଏ, ଅଶୋକ କୁମାର, ଜିତେନ୍ଦ୍ର ଖୁରା, ମୋହନ ସୁନା, ଅନିଲ ସିପକା, ପ୍ରେମ ମହତ, ଗୋବିନ୍ଦ ତାଣ୍ଡି, ଶାନ୍ତ ସୁନା, ଅଭିରାମ ତାଣ୍ଡି, ମାଧବ ବଏ, ବିଶ୍ୱନାଥ ତାଣ୍ଡି, ରେସବ ମାହାନନ୍ଦ, ଗୋପାଳ ଦୀପ, ଦଷମନ ମାହାନନ୍ଦ, ସନ୍ତୋଷ ଖୁରା, ପାର୍ଥମ ମାହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



## ଚିନ୍ତା ବଢ଼ାଉଛି ଗ୍ରୀଷ୍ମ ପ୍ରବାହ

# ବଢୁଛି ତାତି, ଅସ୍ତବ୍ୟସ୍ତ ଜୀବନ

ବଲାଙ୍ଗିର, ୧।୪(ସମିସ)

ବଲାଙ୍ଗିର ଓଡ଼ିଶାର ଅନ୍ୟତମ ଉତ୍ତପ୍ତ ଜିଲ୍ଲା ଭାବେ ପରିଚିତ। ଏଠାରେ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ପୁରୁଣା ରେକର୍ଡ ଭାଙ୍ଗିବା ଦିଗରେ ଗତି କରୁଥିବା ପୂର୍ବନୁମାନ କରାଯାଉଛି। ମାର୍ଚ୍ଚ ମାସ ଶେଷ ସପ୍ତାହରୁ ହିଁ ସୂର୍ଯ୍ୟଙ୍କ ପ୍ରଖର କିରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଏପ୍ରିଲ ମାସ ଆରମ୍ଭରୁ ହିଁ ପାରଦ ଉପରମୁହାଁ ହୋଇଛି। ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଟପିବା ଉପରେ ରହିଛି। ତେବେ ଏଥିପାଇଁ ପ୍ରଶାସନ ଯଦିଓ ପୂର୍ବ ପ୍ରସ୍ତୁତି କରିଥିଲା; କିନ୍ତୁ ତାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ଗତ ୩୦ ତାରିଖରେ ବଲାଙ୍ଗିରରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ସେହିପରି ବୁଧବାର ବଲାଙ୍ଗିର ସହର ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ କରାଯାଇଛି। ସକାଳ ୮ଟା ପରଠାରୁ ତାପମାତ୍ରା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ପଶ୍ଚିମା ଗରମ ପବନ ପ୍ରଭାବରେ ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି। ମାର୍ଚ୍ଚ ୩୧ ତାରିଖରେ ୩୦ ଡିଗ୍ରୀ, ୩୦ ତାରିଖରେ ୪୦ ଡିଗ୍ରୀ, ୨୯ ତାରିଖରେ ୩୯ ଡିଗ୍ରୀ, ୨୮ ତାରିଖରେ ୩୭ ଡିଗ୍ରୀ, ୨୭ ତାରିଖରେ ୩୮ ଡିଗ୍ରୀ, ୨୬ ତାରିଖରେ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ କରଯାଇଥିଲା। ତାପମାତ୍ରା ବଢ଼ିବା ସହ ପ୍ରବଳ ଗୁଳୁଗୁଳି ଏବଂ ଖରା ତାତି ଯୋଗୁଁ ବଲାଙ୍ଗିର ସହର ସମେତ ଟିଟିଲାଗଡ଼, କଣ୍ଟାବାଞ୍ଜି ଏବଂ ପାଟଣାଗଡ଼ ଭଳି ପ୍ରମୁଖ ସହରଗୁଡ଼ିକରେ ମଧ୍ୟାହ୍ନ ସମୟରେ ରାସ୍ତାଘାଟ ପ୍ରାୟ ଶୂନଶାନ ହୋଇଯାଉଛି। ଖରାର ସବୁଠାରୁ ବଡ଼ ପ୍ରଭାବ ଖଟିଖିଆ ଶ୍ରମିକଙ୍କ ଉପରେ ପଡ଼ିଛି। ନିର୍ମାଣ କାର୍ଯ୍ୟ କରୁଥିବା ଶ୍ରମିକ ଏବଂ ରାସ୍ତାକଡ଼ର କ୍ଷୁଦ୍ର ବ୍ୟବସାୟୀ ଅସହ୍ୟ ଗରମ ଯୋଗୁଁ କାମ କରିବାକୁ ସକ୍ଷମ ହେଉ ନାହାନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସେମାନଙ୍କୁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି; କିନ୍ତୁ କିଛି ସ୍ଥାନ ରେ ଏବେ ବି ଶ୍ରମିକମାନେ ୧୧ଟା ପରେ ମଧ୍ୟ କାମ କରୁଥିବା ଦେଖିବାକୁ ମିଳିଛି। ଦିନ ୧୨ଟାରୁ ୪ଟା ପର୍ଯ୍ୟନ୍ତ ବଜାରରେ ଗ୍ରାହକଙ୍କ ସଂଖ୍ୟା ଯଥେଷ୍ଟ କମି ଯାଇଛି। କେବଳ ପଇଡ଼, ଆଖୁରସ ଏବଂ ଥଣ୍ଡା ପାନୀୟ ଦୋକାନରେ ଭିଡ଼ ଦେଖିବାକୁ ମିଳୁଛି। ଗ୍ରୀଷ୍ମ ପ୍ରବାହ ସହିତ ଜିଲ୍ଲାର ଅନେକ ସ୍ଥାନରେ ଜଳକଷ୍ଟ ମଧ୍ୟ ଦେଖା ଦେଇଛି। ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ନଳକୂପଗୁଡ଼ିକ ଶୁଖିଯାଉଛି। ଏଣୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକ ଓ ପୌରାଞ୍ଚଳକୁ ସତର୍କ କରାଯାଇଛି। ସର୍ବସାଧାରଣ ସ୍ଥାନରେ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଦିଅ ଯାଇଥିଲେ ମଧ୍ୟ ଜିଲ୍ଲାରେ ଏବେ ବି ଏହି ନିର୍ଦ୍ଦେଶକୁ ପାଳନ କରାଯାଇ ନ ଥିବା ଦେଖିବାକୁ ମିଳିଛି। ଖରାକୁ ଦୃଷ୍ଟିରେ ରଖି ବିଦ୍ୟାଳୟଗୁଡ଼ିକରେ ପ୍ରାତଃକାଳୀନ ଶିକ୍ଷାଦାନ ଗୁରୁବାର ଦିନଠାରୁ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ସତର୍କତା ନିର୍ଦ୍ଦେଶବଳୀ ଜାରି କରାଯାଇଛି। ବାରମ୍ବାର ପାଣି ପିଇବା, ଓଆରଏସ କିମ୍ବା ଲୁଣ-ଚିନି ପାଣି ସାଙ୍ଗରେ ରଖିବା, ବାହାରକୁ ଗଲାବେଳେ ହାଲୁକା ସୂତା ପୋଷାକ ପିନ୍ଧିବି ଏବଂ ମୁଣ୍ଡରେ ଗାମୁଛା କିମ୍ବା ଟୋପି ବ୍ୟବହାର କରିବାକୁ ଲୋକଙ୍କୁ ସଚେତନ କରାଯାଇଛି। ସେହିପରି ଜିଲ୍ଲାର ସମସ୍ତ ଡାକ୍ତରଖାନାରେ ଅଂଶୁଘାତ ମୁକାବିଲା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଣିପାଗ ବିଭାଗ ଅନୁଯାୟୀ ଦିନରେ ତାପମାତ୍ରା ଆହୁରି ବଢ଼ିବାର ସମ୍ଭାବନା ରହିଥିବାରୁ ଲୋକେ ସଚେତନ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଦେଓଗାଁ, ୧।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କନ୍ଧପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାଞ୍ଜଳୀ ସାହୁ ଅବସର ଗ୍ରହଣ କରିଛନ୍ତି। ସିଆରସିସି ମଣ୍ଟୁ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏବିଇଓ ଚୈତନ୍ୟ ଧରୁଆ, ସିଆରସିସି ସୁଶାନ୍ତ ମହାନ୍ତି, ସହକାରୀ ଶିକ୍ଷକ ହେମାଙ୍ଗିନୀ ସାହୁ, ପରିଚାଳନା କମିଟି ସଭାପତି ଜୟନ୍ତୀ ସାହୁ ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷୟତ୍ରୀ ସାହୁଙ୍କ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କମିଟି ସଭ୍ୟ କୁନ୍ତ ରଣା, ଅନିତା ସାହୁ, ତୁଳସା ମାଝି, କୁମୁଦିନି କୁଅଁରଙ୍କ ସମେତ ପଡ଼ାବାସୀ ଉପସ୍ଥିତ ଥିଲେ। ସେହିପରତ ଦେଓଗାଁ ପଞ୍ଚାୟତ ସମିତି ଆବାସିକ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ଗୁରୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପ୍ରଶାନ୍ତ ପାଣ୍ଡେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ସିଦ୍ଧେଶ୍ୱର ସାହୁ, ରାଜେନ୍ଦ୍ର ମହାନନ୍ଦ, ରୁଦ୍ରନାରାୟଣ ଥନାପତି, ଜ୍ୟୋତି ବିକାଶ ବାରିକ, କାର୍ତ୍ତିକ ମଲ୍ଲିକ, ମୋହନ ଦଳାଇ, ଶୈଳେନ୍ଦ୍ର ସାହୁ, ଜିତୁ ପୋଡ଼, ଜନ୍ମେଜୟ ସାହୁ, ବିଶ୍ୱଜିତ ପାତ୍ର, ସଞ୍ଜୟ ହୋତା, ଟିଙ୍କୁ ଅଗ୍ରୱାଲ, ସନ୍ତୋଷ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୁରୁଙ୍କ ବିଦ୍ୟାଳୟ ପ୍ରତି ରହିଥିବା ଅବଦାନ ଓ ଆଦର୍ଶ ଉପରେ ଅତିଥିଗଣ ଗୁରୁତ୍ୱାରୋପ କରିଥିଲେ।

### ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି

# ୧୦ ଜବକାର୍ଡଧାରୀ ସମ୍ମାନିତ

ଡୁଙ୍ଗୁରିପାଲି, ୧।୪(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୦୦ଦିନର କାମ ସମ୍ପୂର୍ଣ୍ଣ କରିଥିବା ୧୦ ଜଣ ଜବକାର୍ଡଧାରୀଙ୍କୁ ସମ୍ମାନିତ କରାଯାଇଥିଲା।

ଏହି ବୈଠକରେ ଜିଲ୍ଲାପାଳଙ୍କ ପ୍ରତିନିଧି ରୂପେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର) କାଳିଆ ମଲିକ ନୋଡାଲ ଅଧିକାରୀ ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ସୁପାର ଠେଲା, ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱାଧୀନ ଦାସ, ଗ୍ରାମ ପଞ୍ଚାୟତ ଡେଭଲପମେଣ୍ଟ ଅଫିସର ଦେବାଶିଷ ମହାନନ୍ଦ, ଜିଲ୍ଲା ସାମାଜିକ ସମୀକ୍ଷକ ହୃଷିକେଶ ମହାକୁର ଯୋଗ ଦେଇଥିଲେ। ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସାମାଜିକ ସମୀକ୍ଷକ ସଞ୍ଜୟ ବଡମାଲି ସମୀକ୍ଷା ସମୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ୫୪ଟି ତ୍ରୁଟି ଉପସ୍ଥାପନ କରିଥିଲେ। ଏହାସହ ମନରେଗା ଯୋଜନାରେ ଆର୍ଥିକ ଅନିୟମିତତା ଉପସ୍ଥାପନ କରିଥିଲେ। ତେବେ ପଞ୍ଚାୟତ ଅଧିକାରୀମାନେ ସାମାଜିକ ସମୀକ୍ଷା ସମୟରେ ଆବଶ୍ୟକ କାଗଜପତ୍ର ପ୍ରଦାନରେ ବିଳମ୍ବକୁ ନୋଡାଲ ଅଧିକାରୀ ଏକ ସାଙ୍ଘାତିକ ଅବହେଳା ଦର୍ଶାଇ ଥିଲେ। ସମ୍ପୃକ୍ତ ଅଧିକାରୀମାନଙ୍କୁ ୭ ଦିନ ମଧ୍ୟରେ ଆବଶ୍ୟକ କାଗଜାତ ପ୍ରସ୍ତୁତ କରି ବିଡିଓଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଜିଲ୍ଲା ସାମାଜିକ ସମୀକ୍ଷକ ଏହି ଯୋଜନାର ଗୁରୁତ୍ୱ ତଥା ଆବଶ୍ୟକତା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ କହିଥିଲେ। ଠିକ କାର୍ଯ୍ୟ ଚୟନ ଏବଂ ଠିକ ହିତାଧିକାରୀ ଚୟନ ପାଇଁ ଜନପ୍ରତିନିଧି ଏବଂ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ରାମପୁର ସରପଞ୍ଚ ମନୋଜ ପୁରୋହିତ ଯୋଗଦେଇ ଆବଶ୍ୟକ କର୍ମଚାରୀ ନ ଥିବାରୁ ଏବଂ ସେମାନଙ୍କ କାର୍ଯ୍ୟ ଅବହେଳା ପାଇଁ ଅନେକ ବିକାଶ ମୂଳକ ଯୋଜନା ଲୋକଙ୍କ ନିକଟରେ ପହଞ୍ଚି ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ସହ ସରପଞ୍ଚ ଇଚ୍ଛାପୁର ପ୍ରଶାନ୍ତ ସାହୁ ଏବଂ ଚେରୁପାଲି ସରପଞ୍ଚ ଦିଲ୍ଲୀପ ଶତପଥୀ ଟେକନିକାଲ ଷ୍ଟାଫର ଅଭାବ ପାଇଁ ପ୍ଲାନ ଏଷ୍ଟିମେଟ ହେଇ ପାରୁ ନ ଥିବାରୁ ଅନେକ ବିକାଶ ମୂଳକ କାମ ନ ହେବା ଓ ହିତାଧିକାରୀ ଲାଭା ପାଉ ନ ଥିବା ପ୍ରକାଶ କରିଥିଲେ। ଜୀବନ ଜୀବିକାର ସୁରକ୍ଷାକୁ ନିଶ୍ଚିତ କରିବା ଏବଂ ଯୋଜନା ସୁପରିଚାଳନା ସମ୍ପର୍କରେ ନୋଡାଲ ଅଧିକାରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସଫଳ ରୂପାୟନ ପାଇଁ ଜନସାଧାରଣ, ଜନପ୍ରତିନିଧି, ବିଭାଗୀୟ ଅଧିକାରୀଙ୍କ ମିଳିତ ପ୍ରଚେଷ୍ଟା ଅତ୍ୟନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ପ୍ରଦ୍ୟୁମ୍ନ ସାହ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବୀରମହାରାଜପୁର ଉପଖଣ୍ଡରେ ଉତ୍କଳ ଦିବସ




ବୀରମହାରାଜପୁର, ୧।୪(ସମିସ): ବୀରମହାରାଜପୁର ମୈତ୍ରୀ ସଦନ କାର୍ଯ୍ୟାଳୟ ପରିସରରେ ଆଜି ଉତ୍କଳ ଦିବସ ତଥା ସୁବର୍ଣ୍ଣପୁର ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଡେପୁଟି କଲେକ୍ଟର ପ୍ରୀତମ୍ ମହାନ୍ତି ସଭାପତିତ୍ୱ କରିଥିଲେ। ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ମହିଳା ବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପିକା ଡ. ବନ୍ଦିତା ବିଶ୍ୱାଳ, ତହସିଲଦାର ଶୁଚିସ୍ମିତା ପାଣିଗ୍ରାହୀ, ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ, ଶୁଭମ୍ ଶୁଭାଶିଷ ଶତପଥୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଲକ୍ଷ୍ମୀନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିଲେ।



ସେହିଭଳି ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ଆଜି ଉତ୍କଳ ଦିବସ ତଥା ସୁବର୍ଣ୍ଣପୁର ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଅନୁଷ୍ଠାନର ସଭାପତି ଦୟାନିଧି ହୋତା ସଭାପତିତ୍ୱ କରିଥିଲେ। ପୂର୍ବତନ ସଭାପତି ଡ ପ୍ରଫୁଲ୍ଲ ରଥ ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ଦ୍ୱିତୀକୃଷ୍ଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଆଲୋଚନାରେ ଜ୍ଞାନେନ୍ଦ୍ର ତ୍ରିପାଠୀ, ନାରାୟଣ ଦେହୁରୀ, ସୁରୁ ସାହୁ, ଭଗବାନ ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅକ୍ଷୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଧର୍ମଦତ୍ତ ପାଢ଼ୀ, ସତ୍ୟ ନାରାୟଣ ନାୟକ, ନିରଞ୍ଜନ ସେଠୀ, ଚମରା ମହାକୁର, ଧନୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତାରେ ମଧ ଉତ୍କଳ ଦିବସ ପାଳିତ ହୋଇଛି। ସଭାରେ ବ୍ରଜଗୋପାଳ ମହାପାତ୍ର ପୌରୋହିତ୍ୟ କରିଥିଲେ। ଘାସିରାମ ମଲ୍ଲିକ, ଗଙ୍ଗାଧର ଚୌଧୁରୀ, ମୁରାରୀ ମିଶ୍ର, ସାକ୍ଷୀଗୋପାଳ ମିଶ୍ର, ପ୍ରହଲ୍ଲାଦ ନାୟକ, ପଦ୍ମଲୋଚନ ଗାଇଗାରିଆ, ଗୋପାଳ ଦେହୁରୀ, ଗଦାଧର ବାରିକ, ହରିଶଙ୍କର ମେହେର, ହୃଷିକେଶ ନାୟକ, ଛବିଳ ମେହେର, ତପସ୍ୱିନୀ ବାଘ, ଗୁଲାପି ମେହେର, ନେପୂର ମେହେର, ଝାଇ ମେହେର, ନବୀନ ଘିବିଲା, ନବୀନ ବିଶ୍ୱାଳ ପମୁଖ ସାମିଲ ହୋଇଥିଲେ।

## ଲୋ ଭୋଲ୍ଟେଜ ସମସ୍ୟାରେ ଅତିଷ୍ଠ ଗ୍ରାମବାସୀ

- ଅଭିଯୋଗ ସତ୍ତ୍ୱେ ହେଉନି ସମାଧାନ

**ଶଗଡ଼ା, ୧।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବସରି ଗ୍ରାମପଞ୍ଚାୟତ ଜାମଖୋଲ ଗ୍ରାମର କର୍ଣ୍ଣପଡ଼ାରେ ଥିବା ୧୬କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ଉପରେ ୨୫ ଜଣ ବିଦ୍ୟୁତ ଉପଭୋକ୍ତା ନିର୍ଭର କରୁଛନ୍ତି। ଏହାଫଳରେ ଟ୍ରାନ୍ସଫର୍ମ ରେ ଅଧିକ ଲୋଡ ପଡୁଥିବାରୁ ବାରମ୍ବାର ଫିଉଜ୍ ଯାଉଛି। ତା ସହ ଲୋଭୋଲଟେଜ ରହୁଛି। ବର୍ତ୍ତମାନ ବୌଦ୍ଧ ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗିରହିଥିବାରୁ ଛୋଟ ଛୁଆ, ରୋଗୀ, ସହ ଗର୍ଭବତୀ ମହିଳା ବହୁ ଅସୁବିଧା ଭୋଗୁଛନ୍ତି। ଲୋଭୋଲଟେଜ୍ ଯୋଗୁଁ ବିଦ୍ୟୁତ ଉପକରଣ ଟିଭି, ଫ୍ରିଜ, କୁଲର, ଏସି ଇତ୍ୟାଦି ନଷ୍ଟ ହୋଇଗଲାଣି। ତା ସହ ପାଣି ମଟର, ଫ୍ୟାନ୍ ମଧ ଚାଲୁ ନାହିଁ। ବିଦ୍ୟୁତ ଉପଭୋକ୍ତା ଅନେକ ଥର ମନମୁଣ୍ଡା ବିଦ୍ୟୁତ କାର୍ଯ୍ୟାଳୟରେ ଏ ନେଇ ଅଭିଯୋଗ କରିଥିଲେ ମଧ କୌଣସି ଅଧିକାରୀ କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏହାର ତଦନ୍ତ କରି ଯଥା ଶୀଘ୍ର ୨୫କେଭି ଟ୍ରାନ୍ସଫର୍ମ ଯୋଗାଇ ଦେବା ପାଇଁ ଗ୍ରାମାର ସହଦେବ କର୍ଣ୍ଣ, ମହାଦେବ କର୍ଣ୍ଣ, ପ୍ରଦିପ ପଧାନ, ଚନ୍ଦ୍ରଶେଖର କର୍ଣ୍ଣ, ରାଜକୁମାର ପାତ୍ର, ପ୍ରସନ୍ନ ଝାଙ୍କର ପ୍ରମୁଖ ଦାବି କରିଛନ୍ତି।

## କୋଶଳ ସେନାର କଳା ଦିବସ

**ଡୁଙ୍ଗୁରିପାଲି, ୧।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି କୋଶଳ ସେନା ପକ୍ଷରୁ କଳା ଦିବସ ପାଳିତ ହୋଇଛି। କୋଶଳ ସେନାର କର୍ମକର୍ତ୍ତା ଡୁଙ୍ଗୁରିପାଲି ବସଷ୍ଟାଣ୍ଡ ଚାରିଛକ ନିକଟରେ ଏହି କଳା ଦିବସ ପାଳିଥିଲେ। ସରକାରଙ୍କ ବିରୋଧରେ ନାରାବାଜି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରୋଜ ପଧାନ, ଯଦୁମଣି କୁଦେଉ, କାହ୍ନୁ ଚରଣ ମହାରଣା, ଦିବ୍ୟ ମେହେର, ଯୁଧିଷ୍ଠିର ଭୁଏ, ସଚିନ ନାଏକ, ରିକି ଶତପଥୀ, ଧିରେନ ଭୋଇ, ରିକୁ ପଧାନ, ଦଇତୁରା ଦୀପ, ରତ୍ନାକର ସେଠ୍, ବିମଳ ପଧାନ, କରୁଣା ଭୁଏ, ଦିଲୀପ ବରାଡଙ୍କ ସହ ଶତାଧିକ କୋଶଳ ସେନାର କର୍ମୀ ଏଥିରେ ସାମିଲ ହୋଇଥିଲେ।

## ପଞ୍ଚଶମ୍ଭୁ ମହାମିଳନ କାର୍ଯ୍ୟକ୍ରମ

**ବୀରମହାରାଜପୁର, ୧।୪(ସମିସ):** ବୀରମହାରାଜପୁର ବ୍ଲକ ପଥରଘାଟ (ହିଲୁଙ୍ଗ) ହନୁମାନ ବାଟିକା ସାମନା ପଡ଼ିଆରେ ପଞ୍ଚଶମ୍ଭୁଙ୍କ ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମହାମିଳନରେ ନାଁଗଡ଼େଇର ବାବା ନାଗେଶ୍ୱର, ଚୌକାର ବାବା ଭୁବନେଶ୍ୱର, ତିକୁଡାର ବାବା ଗୋପେଶ୍ୱର୍, ଗୌଡଗାଡର ବାବା ସ୍ୱପ୍ନେଶ୍ୱର୍ ଓ ଖୁଣ୍ଟୁଲାପାଲି ଗ୍ରାମର ବାବା ଗୁପ୍ତେଶ୍ୱରଙ୍କ ମଧ୍ୟରେ ଭେଟ ଉତ୍ସବ ସହ ଏକତ୍ର ପୂଜାର୍ଚ୍ଚନା କରାଯାଇଥିଲା। ସକାଳେ ପାଣିଦଣ୍ଡ, ଅପରାହ୍ନରେ ଧୂଳି ଦଣ୍ଡ ସହ ରାତ୍ରିରେ ବିଭିନ୍ନ ଦଣ୍ଡ ସୁଆଙ୍ଗ ପରିବେଷିତ ହୋଇଥିଲା। ପୂର୍ବାହ୍ନରେ ଦଣ୍ଡ କଳାକାର ଓ ଉପାସକଙ୍କ ଶୋଭାଯାତ୍ରା ହୋଇଥିଲା। ସ୍ଥାନୀୟ ହନୁମାନ ବାଟିକା କମିଟି ପକ୍ଷରୁ ଆୟୋଜିତ ଉକ୍ତ ଉତ୍ସବ ଓ ରାତ୍ରିରେ ଦଣ୍ଡ ନୃତ୍ୟ ଦେଖିବାକୁ ଆଖପାଖ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାଙ୍କ ସମାଗମ ହୋଇଥିଲା।

## ଗୋବଜୋର ହାଇସ୍କୁଲ ସଂସ୍କୃତ ଶିକ୍ଷକଙ୍କ ଅବସର



**କଣ୍ଟାମାଳ, ୧।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳି ପଦର ପଞ୍ଚାୟତ ଅଧୀନ ଗବଯୋର ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଲକ୍ଷ୍ମଣ ମହାପାତ୍ର ବିଦ୍ୟାଳୟରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଶିଷ୍ଠ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

## ବୌଦ୍ଧରେ ପୁଲିସ ପ୍ରତିଷ୍ଠା ଦିବସ



**ବୌଦ୍ଧ, ୧।୪(ସମିସ):** ବୌଦ୍ଧ ସହର ବଲାସିଙ୍ଗାସ୍ଥିତ ରିଜର୍ଭ ପୁଲିସ ଲାଇନ ପଡ଼ିଆଠାରେ ୯୧ତମ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ ଯୋଗଦେଇ ଆରକ୍ଷୀ ବାହିନୀ ପକ୍ଷରୁ ଆୟୋଜିତ ପରେଡରେ ଅଭିବାଦନ ଗ୍ରହଣ କରି ପ୍ରତିଷ୍ଠା ଦିବସର ବାର୍ତ୍ତା ପ୍ରଦାନ କରିଥିଲେ। ପୁଲିସ ସେବା ପ୍ରଦାନରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ପୁରସ୍କୃତ କରା ଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଉପଖଣ୍ଡ ପୁଲିସ ଅଧିକାରୀ ଲରେନ୍ ରାଉତରାୟ, ବୌଦ୍ଧ ଥାନା ଆଇଆଇସି ନଳିନୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଖଣ୍ଡହତାଠାରେ ବରିଷ୍ଠ ନାଗରିକମାନେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି




ବୌଦ୍ଧ ଜିଲ୍ଲା ରାମଗଡ଼ରେ ରକ୍ତଦାନ ଶିବିର

## ୧୩୩ କେଜି ଗଞ୍ଜେଇ ଜବତ; ଅଭିଯୁକ୍ତ ଫେରାର



**ତରଭା, ୧।୪(ସମିସ):** ତରଭା ପୋଲିସ ୧ କୁଇଣ୍ଟାଲ ୩୨ କେଜି ୯୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ପଥଲ୍ଲା ନିବାସୀ ପିଙ୍କୁ ନାଏକ ଓ ଅନ୍ୟ ୨ ଜଣ ଏକ କାର (ଓଡି ୦୨ କ୍ୟୁ୮୨୬୨)ରେ ସୋନପୁର ପଟରୁ ଆସୁଥିଲେ; ହେଲେ ଘାଟକଇଁନ୍ତରା ବ୍ରିଜ ନିକଟରେ ପୁଲିସକୁ ଦେଖି ଗାଡି ଛାଡି ପଳାଥିଲେ। ଯାଞ୍ଚ କରିବାରୁ ଗଞ୍ଜେଇ ବାହାରିଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଚାଲିଥିବା ଆଇଆଇସି ଅନିତା କିଡୋ କହିଛନ୍ତି।

## ମଥୁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣୀ ଉତ୍ସବ



**ହରଭଙ୍ଗା, ୧।୪(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବିରନରସିଂହପୁର କ୍ଲଷ୍ଟର ଅଧୀନ ମଥୁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଜୟ ରଣା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅର୍ଜୁନ କଅଁର, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବାର୍ଷିକ ପରୀକ୍ଷାରେ ପ୍ରତି ଶ୍ରେଣୀର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ, ଖେଳର ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା।

## ନାମଯଜ୍ଞ, ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



**ତରଭା, ୧।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଶିବତୁଳା ଗ୍ରାମରେ ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ନବ ନିର୍ମିତ ଭାଗବତ ମନ୍ଦିର ପ୍ରତିଷ୍ଠାରେ କର୍ତ୍ତା ଭାବେ ଉମେଶ ନାଏକ ଓ ତାଙ୍କ ପତ୍ନୀ କଲ୍ୟାଣୀ ନାଏକ ଦାୟିତ୍ୱ ନିର୍ବାହ କରିଥିଲେ। କମଳା କାନ୍ତ ମିଶ୍ର ଓ ଅନ୍ୟମାନେ ପୂଜାର୍ଚ୍ଚନା କରିଥିଲେ। ଏହି ଉପଲକ୍ଷେ ବଲାଙ୍ଗୀର ରାଜୀବ ନଗରର ଗାୟିକା ସୁଶ୍ରୀ ପ୍ରାପ୍ତି ଆଚାର୍ଯ୍ୟ ଓ ସାଥିଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପରାୟଣ ଅନୁଷ୍ଠିତ ହୋଇଥିଲା। ଶିବତୁଳା ବୈସାଳି ବଡ଼ବନ୍ଧ ପୁଷ୍କରିଣୀରୁ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଶୋଭାଯାତ୍ରା ବାହାରିଥିଲା। ସଂକୀର୍ତ୍ତନ ମଣ୍ଡଳୀ ସହ କଳସ ଶୋଭାଯାତ୍ରା ପୂଜା ମଣ୍ଡପ ନିକଟରେ ପହଞ୍ଚିବା ପରେ ସ୍ଥାପନ କରାଯାଇଥିଲା। ନାମଯଜ୍ଞରେ ଉପେନ୍ଦ୍ର ନିଆଳି ଓ ତାଙ୍କ ପତ୍ନୀ ସବିତା ନିଆଳି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କମଳାକାନ୍ତ ମିଶ୍ର ଓ ସାଥି ପୂଜକ ଦାୟିତ୍ୱ ତୁଲାଇଥିଲେ। ନାମଯଜ୍ଞରେ ବଲାଡି ହନୁମାନ ବାବା ସ୍ୱାମୀ ସୁରେନ୍ଦ୍ର ଗିରୀ ଯୋଗ ଦେଇଥିଲେ। ପୁଇଁତଲା, ସାନଛପାପାଲୀ ଓ କଲରାଗୋଠ କୀର୍ତ୍ତନ୍ୟ ଦଳର କୀର୍ତ୍ତନ ବୈଠକି ଅନୁଷ୍ଠିତ ହୋଇଥିଲା।

## ଅନ୍ତର୍ଜାତୀୟ ଗଣିତ ଅଲମ୍ପିଆଡ଼ରେ ସ୍ୱର୍ଣ୍ଣ ପଦକ



**ବୀରମହାରାଜପୁର, ୧।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳର ଛାତ୍ରୀ ବିଦୁସ୍ମୟୀ ନାଏକ ଅନ୍ତର୍ଜାତୀୟ ଗଣିତ ଅଲମ୍ପିଆଡ଼ରେ ୯୪.୩ ପ୍ରତିଶତ ନମ୍ବର ରଖି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ କେନ୍ଦ୍ରୀୟ ବିଦ୍ୟାଳୟର ୭ମ ଶ୍ରେଣୀର ଛାତ୍ରୀ। ସେ ଶିକ୍ଷକ ସଦାନନ୍ଦ ନାଏକ ଓ ବବିତା ଦେହୁରୀଙ୍କ ଝିଅ।

## ହାତୀ ନଷ୍ଟ କରିଦେଲେ ପନିପରିବା

**ବୌଦ୍ଧ, ୧।୪(ସମିସ):** ବୌଦ୍ଧ ସହର ନିକଟବର୍ତ୍ତୀ ଗମ୍ଭାରୀପଦର ଗ୍ରାମରେ ୧୪ ଟିକିଆ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଥିବା ଅଭିଯୋଗ ଆସିଛି। ପ୍ରାୟ ୫୦ ଏକରରୁ ଅଧିକ ଜମିରେ ତରଭୁଜ, କାକୁଡି, ମକା, ପିଆଜ, କଖାରୁ ଭଳି ଫସଲ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଘଟଣା ପରେ ମଧ ବନ ବିଭାଗ କର୍ମଚାରୀ ପହଞ୍ଚି ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଭୟ ଦେଖା ଦେଇଛି।



## ବିଜେପିରେ ମିଶିଲେ ପ୍ରକାଶ ମେହେର

**ମନମୁଣ୍ଡା, ୧।୪(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ନିବାସୀ ତଥା ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ବିଜେପିରେ ଯୋଗ ଦେଇଛନ୍ତି। ଭୁବନେଶ୍ୱର ବିଜେପି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବରେ ଶ୍ରୀ ମେହେର ଦଳରେ ରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସମବାୟ ମନ୍ତ୍ରୀ ପ୍ରଦୀପବଳ ସାମନ୍ତ, ବୌଦ୍ଧ ବିଧାୟକ ସରୋଜ ପ୍ରଦାନ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶଙ୍କୁ ବିଜେପି ଟୋପି ପିନ୍ଧାଇ ଉତ୍ତରୀୟ ଏବଂ ପଦ୍ମପୁଷ୍ପ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ବିଜେପିରେ ଆନୁଷ୍ଠାନିକ ଭାବେ ସାମିଲ ନେଇ ଘୋଷଣା କରିଥିଲେ। ମନମୁଣ୍ଡା ବୁଣାକାର କୈଳାଶ ଚନ୍ଦ୍ର ମେହେର, ବିଷ୍ଣୁ ଚନ୍ଦ୍ର ମେହେର, ରବି ମେହେର, ଦୁଃଶାସନ ମେହେର, ଶମ୍ଭୁ ମେହେର, ତରେଶ୍ୱର୍ ମେହେର, ପୀତାମ୍ବର ମେହେର, ବୁଦ୍ଧଦେବ ମେହେର ପ୍ରମୁଖ ଯୋଗ ଦେଇଥିଲେ।

# ମନ ମୋହୁଛି ରାମଲୀଳା

ବୌଦ୍ଧ, ୧।୪(ସମିସ)



ବୌଦ୍ଧ ରାମଲୀଳା ନାଟ୍ୟସଂସଦ ପକ୍ଷରୁ ମାରୁତୀ ମଣ୍ଡପଠାରେ ଚାଲିଥିବା ଐତିହାସିକ ରାମଲୀଳା ଯାତ୍ରାରେ ସୀତା ଚୋରି ନାଟକ ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚନା ଓ ଭବାନୀଶଙ୍କର ମହାପାତ୍ରଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଶ୍ରୀରାମଲୀଳା ନାଟ୍ୟ ସଂସଦର କଳାକାରମାନେ ନିଖୁଣ ଭାବରେ ପୌରାଣିକ କଥାବସ୍ତୁ ଅନୁଯାୟୀ ଚରିତ୍ର ଗୁଡିକୁ ପ୍ରଦର୍ଶନ କରିଥିଲେ। ଭୂମିକାରେ କୀର୍ତ୍ତି ଭୋଇ, ଲକ୍ଷଣ ଭାବେ ମନୋରଞ୍ଜନ ମିଶ୍ର, ସୀତା ଭାବେ ବିଶ୍ୱାମିତ୍ର ସାହୁ, ରାବଣ ଭାବେ ମୃତ୍ୟୁଞ୍ଜୟ ମିଶ୍ର ଅଭିନୟ କରିଥିଲେ

**ପଳଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଳଶାଗୋରା ମାରୁତି ନାଟ୍ୟ ସଂସଦ ଦ୍ୱାରା ଆୟୋଜିତ ଶ୍ରୀରାମ ଲୀଳା ଉତ୍ସବରେ ବାଳିବଧ ନାଟକ ମଞ୍ଚସ୍ଥ ହୋଇଥିଲା। ରବୀନ୍ଦ୍ର ସାହୁଙ୍କ ରଚିତ ଓ ବିଷ୍ଣୁ ଶତପଥୀଙ୍କ ନିର୍ଦ୍ଦେଶିତ ନାଟକରେ ଶ୍ରୀ ରାମ ଭୂମିକାରେ ଶିବ ସାହୁ, ଲକ୍ଷ୍ମଣ ଭାବେ ବିମଳ ମହାକୁଡ଼, ହନୁମାନ ଭାବେ ସୁରେଶ ପୁଟେଲ, ବିକ୍ରମ ପୁଟେଲ, ବାଳି ଭାବେ ଲିଙ୍ଗ ସାହୁ, ସୁଗ୍ରୀବ ଭାବେ ଗୋବିନ୍ଦ ମହାକୁଡ଼ ଅଭିନୟ କରିଥିଲେ। ବାଦ୍ୟାଂଶ ରେ ଅଜିତ ଗିରି, ପ୍ରହଲ୍ଲାଦ ପ୍ରଧାନ ସହଯୋଗ କରିଥିଲେ।

**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗରରେ ଚାଲିଥିବା ଶ୍ରୀରାମଲୀଳା ଉତ୍ସବର ଚତୁର୍ଥ ରଜନୀରେ ରାମବନବାସ ନାଟକ ମଞ୍ଚସ୍ଥ ହୋଇଛି। ଦଶରଥ ଭୂମିକାରେ ପୀତାମ୍ବର ମେହେର, ସୁମନ୍ତ୍ର ଭାବେ ଲକ୍ଷ୍ମଣ ମେହେର, ବଶିଷ୍ଠ ଭାବେ ଥପା ମେହେର, କୌଶଲ୍ୟା ଭାବେ ଘାସି ମେହେର, କୈକେୟୀ ଭାବେ ସିଦ୍ଧେଶ୍ୱର ମେହେର, ସୁମିତ୍ରା ଭାବେ ସୁରୁବାବୁ ମେହେର, ମନ୍ଥରା ଭାବେ ଚୂଡ଼ାମଣି ମେହେର, ରାମ ଭାବେ ବୃନ୍ଦାବନ ମେହେର, ସୀତା ଭାବେ ନକୁଳ ମେହେର, ଲକ୍ଷ୍ମଣ ଭାବେ ଚୈତନ୍ୟ ମେହେର, ଭରତ ଭାବେ ପରମା ମେହେର, ଶତ୍ରୁଘନ ଭୂମିକାରେ ସମାରୁ ମେହେର ଅଭିନୟ କରିଥିଲେ। ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲ, ଲକ୍ଷ୍ମୀପ୍ରସାଦ ୟୁପି ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ଉପଦେଷ୍ଟା ଭୋଳାଗିରି ସାହୁ, ସମ୍ପାଦକ ଗୋପାଳ ମେହେର, ଶ୍ରୀ ଜଗନ୍ନାଥ ଓ ଶ୍ରୀରାମ ଯୁଗ୍ମ ମନ୍ଦିର ସଭାପତି ରାଜେନ୍ଦ୍ର ମେହେର, ଉପ ସଭାପତି ଉପେନ୍ଦ୍ର ମେହେର, ହରି ମେହେର, ଫକିର ମେହେର, ପ୍ରଫୁଲ୍ଲ ମେହେର, ରଘୁନାଥ ମେହେର ପ୍ରମୁଖ ସହଯୋଗ କରିଥିଲେ।

**ବୀରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ପ୍ରସିଦ୍ଧ କୋଟସମଲାଇ ବାହାରିପଡ଼ା ରଘୁନାଥ ମନ୍ଦିର ନିକଟରେ ଶ୍ରୀ ଶ୍ରୀ ରଘୁନାଥ ନାଟ୍ୟ କଳାପରିଷଦ ତରଫରୁ ଚଳିତ ବର୍ଷ ୭୫ବର୍ଷ ପ୍ଲାଟିନମ ଜୁବଲି ପୂର୍ତ୍ତି ଅବସରରେ ଶ୍ରୀରାମ ଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହେଉଛି। ୧୯୫୧ ମସିହାରୁ ନିରବଚ୍ଛିନ୍ନ ଭାବେ ଏହି ରାମଲୀଳା ଉତ୍ସବ ଅନୁଷ୍ଠିତ ହେଉଛି। ଏହା ପ୍ରତିବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ନବମୀଠାରୁ ଆରମ୍ଭ ହୋଇ ୧୮ ଦିନ ପର୍ଯ୍ୟନ୍ତ ମହାସମାରୋହରେ ପାଳିତ ହୋଇଆସୁଅଛି। ପ୍ରଥମେ ମନ୍ଦିରରୁ ନାଟ ମଣ୍ଡପକୁ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର, ମାତା ସୀତା, ଲକ୍ଷ୍ମଣ, ଭରତ, ସୀତା ଓ ହନୁମାନଙ୍କୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରୀରାମ ଜନ୍ମ, ଧନୁ ଭଗ୍ନ, ସୀତା ବିବାହ, ରାମ ବନବାସ ଭଳି ପୌରାଣିକ ନାଟକ ମଞ୍ଚସ୍ଥ ହୋଇଛି। ଶ୍ରୀରାମ ଭୂମିକାରେ ବୁଦ୍ଧଦେବ ମେଣ୍ଡିଲି, ଲକ୍ଷ୍ମଣ ଭାବେ ନେପାଳ ସେଠୀ, ସୀତା ଭାବେ ବୃଷଭ କର୍ଣ୍ଣ, ଦଶରଥ ଭାବେ ନରେନ୍ଦ୍ର ବାଘ, ଭରତ ଭାବେ ସୁରେଶ ଅମାତ, ଶତ୍ରୁଘ୍ନ ଭାବେ ସଦାନନ୍ଦ ମନ୍ଧା ଅଭିନୟ କରିଥିଲେ। ବାଦ୍ୟଯନ୍ତ୍ରରେ ଜାନକୀରାମ ଦେହେରୀ, ଚମରା ସେଠୀ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପଞ୍ଚାନନ ମନ୍ଧା, ଭିକାରୀ ସେଠୀ, ମନୋରଞ୍ଜନ ପାଢ଼ୀ ସହଯୋଗ କରିଥିଲେ।

ସକାଳ THE SAKALA
ଗୁରୁବାର
୨ ଏପ୍ରିଲ, ୨୦୨୬



ଓଡ଼ିଶା ଦିବସ -୨୦୨୬ ପାଳିତ

# 'ଓଡ଼ିଆ ଭାଷା ମଣିଷକୁ ସୁନାରେ ପରିଣତ କରିପାରିବ'

ଭବାନୀପାଟଣା, ୧।୪(ସମିସ)

ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଦିବସ କୁଳସଚିବ ଡ. ଗୁଣନିଧି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କୁଳସଚିବ ଓଡ଼ିଆ ଭାଷା ଓ ଓଡ଼ିଶାର ମହତ୍ତ୍ୱ ଉପସ୍ଥାପନ କରିଥିଲେ। ଉପ-କୁଳସଚିବ ମେଜର ଡ. ଜୟଦେବ ସାହୁ ଓଡ଼ିଆ ଭାଷାର ପ୍ରାଚୀନତା ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଭାଷ୍ୟକାର ଡ. ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ଏହା ସହିତ ଓଡ଼ିଆ ଭାଷା ମଣିଷକୁ ସୁନାରେ ପରିଣତ କରିପାରିବ ବୋଲି ମଧ କହିଲେ। ସନ୍ତୋଷ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦାନ କରି ସାହିତ୍ୟ, ସଂସ୍କୃତି ସହିତ ଆଧ୍ୟାତ୍ମିକ ଦିଗରେ ଓଡ଼ିଶା ଖୁବ୍ ପ୍ରଭାବଶାଳୀ ବୋଲି ଆଲୋଚନା କରିଥିଲେ। ପରୀକ୍ଷା ନିୟନ୍ତ୍ରକ ଡ. ନୀଳାଞ୍ଚଳ ପଟେଲ ଖଣିଜ ସମ୍ପଦ ତଥା ସବୁ ଦିଗରୁ ଓଡ଼ିଶା ସମୃଦ୍ଧ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ଓଡ଼ିଆ ଭାଷା ଓ ଓଡ଼ିଶାର ଭବିଷ୍ୟତ ସମ୍ପର୍କରେ କହିଥିଲେ। ଓଡ଼ିଆ ବିଭାଗର ଗବେଷକ ଅଭିମନ୍ୟୁ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ବିଭାଗ ମୁଖ୍ୟ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## କଳାହାଣ୍ଡି ବିଜୁ ଜନତା ଦଳ

**ଭବାନୀପାଟଣା :** ଆଜି 'ଓଡ଼ିଶା ଦିବସ' ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଦେବା ସହ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେହିଭଳି ଭବାନୀପାଟଣାର ବିଭିନ୍ନ ଛକରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସେହିପରି ମହାତ୍ମାଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଡ. ବି.ଆର୍.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ନଗରପାଳ ବିଷ୍ଣୁ ପ୍ରଧାନ, ବରିଷ୍ଠ ବିଜେଡି ନେତା ଭବାନୀଶଙ୍କର ମିଶ୍ର, ଜିତେନ୍ଦ୍ର ମହାନ୍ତି, ପ୍ରଦୀପ ମୁଣ୍ଡ, ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଜିଲ୍ଲା ଯୁବବିଜେଡି ସଭାପତି ଅବିନାଶ ଠାକୁର, ମହିଳା ଜୋନ୍ ସଭାପତି ଲଳିତା ନାଏକ, ରାଜ୍ୟ ବରିଷ୍ଠ ଯୁବ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ବିଜେଡି ଉପସଭାପତି ମନିନ୍ଦ୍ର ମହାନ୍ତି, ଟାଉନ ସଭାପତି ଧବଳେଶ୍ୱର ମହାପାତ୍ର, ସାମନ୍ତ ଖମାରୀ, ସେନାପତି ନାଏକ, ପରମାନନ୍ଦ ମାଝୀ, ତ୍ରିଲୋଚନ ପାଣିଗ୍ରାହୀ, ଶିବା ସାହୁ, କ୍ଷୀରସିନ୍ଧୁ ନାଏକ, ରଞ୍ଜୁକ୍ତା ପ୍ରଧାନ, ଦିନେଶ ସାହୁ, ନିହାର ମିଶ୍ର, ଜଜାତି ନାୟକ, ଦିନେଶ ବଗର୍ତ୍ତି, ସେଖ୍ ମୁନାବର, ଉତ୍ପଳ ଦାସ, ମହେନ୍ଦ୍ର ରାଉତ, ପିତବାସ ବେହେରା, ମାନସ ସିନ୍ଦୂର, ଭୋଳାନାଥ ନାଗ, ମଧୁ ନାଗ, ଅମିତ ଯାଦବ ପ୍ରମୁଖ ଯୋଗଦେଇ ଥିଲେ।





## ମୁମ୍ବାଇ ଓଡ଼ିଆ ପରିବାର

**କେସିଙ୍ଗା :** ମହାରାଷ୍ଟ୍ରର ୱାସିଠାରେ ଓଡ଼ିଆ ପରିବାର ଓ ଅନ୍ୟ ଓଡ଼ିଆମାନଙ୍କୁ ନେଇ ଓଡ଼ିଶା ଦିବସ ପାଳନ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅତିରିକ୍ତ ରେସିଡେଣ୍ଟ କମିଶନର ଶମ୍ଭୁ ମିଶ୍ର ଯୋଗ ଦେଇ ଓଡ଼ିଆ ଦିବସର ମହତ୍ୱ ଓ ଓଡ଼ିଆ ପ୍ରବାଦ ପୁରୁଷଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରସିଦ୍ଧ ସାହିତ୍ୟିକ ଓ ଉତ୍କଳ ସୁରଭି ପତ୍ରିକାର ସମ୍ପାଦିକା ମୈତ୍ରୀ କମିଳା ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ। ସେହିପରି କବିତା ସାହାଣୀ, ପ୍ରଣବ ଭୋକ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସମୀକ୍ଷା ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।





## ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ

**ଗୋଲାମୁଣ୍ଡା :** ପ୍ରତିବର୍ଷ ଏପ୍ରିଲ୍ ୧ ତାରିଖରେ ସମଗ୍ର ଓଡ଼ିଶାରେ 'ଓଡ଼ିଶା ଦିବସ' ବା 'ଉତ୍କଳ ଦିବସ' ପାଳିତ ହୁଏ। ଓଡ଼ିଶା ଦିବସ ପାଳନ ମାଧ୍ୟମରେ ଓଡ଼ିଆ ଭାଷା, ସଂସ୍କୃତି ଏବଂ ପରମ୍ପରାର ମହତ୍ତ୍ୱକୁ ଉପଲବ୍ଧି କରାଯାଏ। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ତରଫରୁ ବ୍ଲକ ସଭାଗୃହଠାରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ତ୍ରିପୁର ମହାନନ୍ଦ, ଏବିଡିଓ ବିଜୟ କୁମାର ନାୟକ, ତହସିଲଦାର ଚନ୍ଦନ କୁମାର ନାୟକ, ବିଇଓ ରାଜେଶ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡ଼ିଶାର ଇତିହାସ, ସ୍ୱାଧୀନତା ସଂଗ୍ରାମୀମାନଙ୍କର ଅବଦାନ ଏବଂ ଏହାର ସମୃଦ୍ଧ କଳା ଓ ସ୍ଥାପତ୍ୟ ବିଷୟରେ ଆଲୋଚନା କରିଥିଲେ। ଆଜିର ଦିନରେ ଆମେ ଓଡ଼ିଶାର ବିକାଶ ଏବଂ ସମୃଦ୍ଧି ପାଇଁ ପ୍ରତିବଦ୍ଧ ହେବାକୁ ଶପଥ ନେବା ପାଇଁ ବିଡ଼ିଓ ତ୍ରିପୁର ମହାନନ୍ଦ ସମସ୍ତ ଙ୍କୁ ଅନୁରୋଧ କରିଥିଲେ।

**ଖଡ଼ିଆଳ :** ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ପର୍ବ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଆ ବିଭାଗର ମୁଖ୍ୟ ଡ.ସୁରଞ୍ଜନ ପ୍ରଧାନ ଏବଂ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀଙ୍କୁ ନେଇ 'ଓଡ଼ିଶା ଦିବସ' ପାଳିତ ହେବା ସହ ୧୧ତାରିଖରୁ ୧୪ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ନିର୍ଦ୍ଧାରିତ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ଐତିହ୍ୟ, ପରମ୍ପରା ସମ୍ପର୍କରେ ଆଲୋଚନା, ରକ୍ତଦାନ କାର୍ଯ୍ୟକ୍ରମ, ସ୍ୱଚ୍ଛତା, ସଙ୍ଗୀତ, ପ୍ରବନ୍ଧ, ତର୍କ ପ୍ରତିଯୋଗିତା ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଥିଲା।

# ଅଙ୍ଗନବାଡ଼ି ସଂଘ ଭବନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ସିନାପାଲି,୧।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଙ୍ଗନବାଡ଼ି ସଂଘ ଭବନ ନିର୍ମାଣ ପାଇଁ ସିନାପାଲି (ବିଏମ୍‌ଏସ୍) ଅଙ୍ଗନବାଡ଼ି ସଂଘ ପକ୍ଷରୁ ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ସିନାପାଲି ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏହି ଦାବି କରିଛନ୍ତି। ସୂଚନା ଅନୁସାରେ ସିନାପାଲି ବ୍ଲକରେ ୨୭ଟି ପଞ୍ଚାୟତ ଥିବାବେଳେ ଜଙ୍ଗଲ ପାହାଡ଼ ଘେରା ମାଓ ପ୍ରବଣ ଅଞ୍ଚଳ ନଙ୍ଗଲବୋଡ, ଘାଟମାଲ, ନୂଆମାଲପଡ଼ା ଭଳି ଅନେକ ପଞ୍ଚାୟତର ଗାଁ ଗହଳି ଗ୍ରାମ ଗୁଡିକରୁ ବିଭାଗୀୟ ସିଡିପିଓ କାର୍ଯ୍ୟାଳୟକୁ ଯାତାୟାତ କରନ୍ତି। ଅନେକ ଦୂରରୁ ଅଙ୍ଗନବାଡ଼ି କର୍ମୀମାନେ ବିଭାଗୀୟ ସିଡିପିଓ କାର୍ଯ୍ୟାଳୟକୁ ଖରା, ଶୀତ ବର୍ଷା ସମୟରେ ବିଭିନ୍ନ କାମ ପାଇଁ ଉକ୍ତ କାର୍ଯ୍ୟାଳୟ ଯିବା ଆସିବା କରନ୍ତି। ଫଳରେ ଅଙ୍ଗନବାଡ଼ି କର୍ମୀମାନେ ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏନେଇ ବ୍ଲକ ତଥା ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ ଉଚିତ୍ ପଦକ୍ଷେପ ନେବାକୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସିନାପାଲି ବିଏମଏସ୍ ଅଙ୍ଗନବାଡ଼ି ସଂଘ ସଭାନେତ୍ରୀ କବିତା ସାହୁଙ୍କ ନେତୃତ୍ୱରେ ସମ୍ପାଦିକା ଉର୍ମିଳା ସୁନାନୀ, ଜାନକୀ ମେହେର, ସଙ୍ଗୀତା ହଂସ ପ୍ରମୁଖ ଉପସ୍ଥିତ ଥିଲେ।

# ଡୁଡୁକେଲ ମହାଭାରତ ମହାପାରାୟଣ କଳସ ଯାତ୍ରା



**ଗୋଲାମୁଣ୍ଡା, ୧।୪(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଡୁଡୁକେଲ ଗ୍ରାମର ମହାଭାରତ ମହା ପାରାୟଣ ମହାଯଜ୍ଞ ପାଇଁ ଆଜି କଳସ ଯାତ୍ରା ସମ୍ପନ୍ନ ହୋଇଯାଇଛି। ଯଜ୍ଞରେ କର୍ତ୍ତା ଭାବେ ସୁବାସ ବଗର୍ତ୍ତି ଓ ତାଙ୍କ ଧର୍ମପତ୍ନୀ ମଦନା ବଗର୍ତ୍ତି, ମୁଖ୍ୟ ପୂଜକ ଗୌତମ ଯୋଶୀ ଥିବାବେଳେ ଗୋବର୍ଦ୍ଧନ ମିଶ୍ର ବ୍ୟାସ ଆସନ ଅଳଙ୍କୃତ କରିବେ ବୋଲି ଆୟୋଜକ କମିଟିର ସଭାପତି ଗିରିଧାରୀ ତେଜୀ ପ୍ରକାଶ କରିଛନ୍ତି। ଏହି କଳସ ଯାତ୍ରାରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଯଜ୍ଞ କମିଟିର ସମ୍ପାଦକ ପରୀକ୍ଷିତ ଖର୍ସେଲ, ଧର୍ମଗଡ଼ ବ୍ଲକ ଯାଦବ ସଭାପତି ଶଙ୍କର ଯୁଆଡ, ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ, ମାନଝରି ସରପଞ୍ଚ ଜଗଜିବନ୍ ଅଗ୍ରୀଆ, ସମିତି ସଭ୍ୟ ସୁବାସ ନାଏକ, ନାରାୟଣ ଅଗ୍ରୀଆ, ସାଧୁ ବଗର୍ତ୍ତି, ତିଲେଶ୍ୱର୍ ଘିଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଡିଜିଟାଲ ସ୍ୱ-ଗଣନା ଉପରେ ସଚେତନତା କାର୍ଯ୍ୟକ୍ରମ

**ଧର୍ମଗଡ଼, ୧।୪(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଗଣନା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଆଜିଠାରୁ ଏକ ନୂତନ ଡିଜିଟାଲ-ଭିତ୍ତିକ ଜନଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟର ଗୃହ ତାଲିକା ଓ ଗୃହ ଗଣନା (ସ୍ୱ-ଗଣନା) ଆଜିଠାରୁ ଆରମ୍ଭ ହୋଇଥିବାବେଳେ ଏହା ଆସନ୍ତା ୧୫ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ନାଗରିକମାନେ ସରକାରୀ ଜନଗଣନା ୱେବସାଇଟ୍ ପରିଦର୍ଶନ କରି ଏସ୍‌ଇ ଆଇଡି ପ୍ରାପ୍ତ କରିପାରିବେ। ପ୍ରଥମଥର ପାଇଁ ସମଗ୍ର ପ୍ରକ୍ରିୟାକୁ ଡିଜିଟାଲ ମାଧ୍ୟମରେ କରାଯିବ। ଗଣନାକାରୀ ଅଧୀକାରୀମାନେ ଘରକୁ ଘର ଯାଇ ମୋବାଇଲ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରି କେନ୍ଦ୍ରୀୟ ସର୍ଭରକୁ ପଠାଇବେ, ଯାହା ଫଳରେ ସମସ୍ତ ତଥ୍ୟ ସଠିକ ଭାବେ ସଂଗ୍ରହ କରାଯାଇ ପାରିବ। ଡିଜିଟାଲ ପ୍ରଣାଳୀ ଦ୍ୱାରା ପାରଦର୍ଶିତା, କାର୍ଯ୍ୟକୁଶଳତା ଓ ଲୋକମାନଙ୍କ ଅଂଶଗ୍ରହଣ ବୃଦ୍ଧି ପାଇବ, ଯାହା ଜନଗଣନା୨୦୨୭ କୁ ଅଧିକ ବିଶ୍ୱସନୀୟ ଓ ସଫଳ କରିବ ବୋଲି ଆଜି ଧର୍ମଗଡ଼ ବ୍ଲକର ରାଜମୋଟେର, କିର୍କାକାନି, ସନ୍ଧିକୁଳିହାରୀ ଗାଁକୁ ଯାଇ ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ ଜନପ୍ରତିନିଧି, ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସଚେତନ ନାଗରିକ ମାନଙ୍କୁ ସ୍ୱ-ଗଣନାରେ ସାମିଲ ହୋଇ ନିଜର ତଥ୍ୟ ଦାଖଲ କରିବା ସହିତ ଅନ୍ୟମାନଙ୍କୁ ଅନୁପ୍ରେରିତ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ହିମାଞ୍ଚଳ ପ୍ରସାଦ ନାଗ ଏବଂ ପୂର୍ବତନ ବିଧାୟକ ସୁରେନ୍ଦ୍ର ପଟ୍ଟଯୋଶୀଙ୍କ ଘରକୁ ଯାଇ ତାଙ୍କୁ ଡିଜିଟାଲ ସ୍ୱ-ଗଣନାରେ ପଞ୍ଜୀକରଣ କରିଥିଲେ। ଏହି ଅବସରରେ ଅତିରିକ୍ତ ତହସିଲଦାର ସମ୍ପଦ ମାଝୀ, ଜନଗଣନା ସୁପରଭାଇଜର ପ୍ରେମଲାଲ ଜଗତ, ଫିଲ୍ଡ ଟ୍ରେନ୍‌ର ଡ.କାର୍ତ୍ତିକଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସରକାଳୀନ ସମ୍ବର୍ଦ୍ଧନା

**ସିନାପାଲି, ୧।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡା. ଶ୍ରୀମାନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ପିଏଚଇଓ ଅଙ୍ଗଦ ରାମ ମାଝୀ, ବିପିଏମ ରତ୍ନମଣୀ ଭୁଏ, ସ୍ୱାସ୍ଥ୍ୟ ପରିଦର୍ଶକ ହୃଷିକେଶ ସା, ଧବଳେଶ୍ୱର ମେହେର, ଭିବିଡିଟିଏସ୍ ଦିବ୍ୟରଞ୍ଜନ ନାଏକ ପ୍ରମୁଖ ମଞ୍ଚାସିନ ଥିଲେ। ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା କବିତା ଜେନା ଓ ସାଲିମା ବାରା ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ ସଞ୍ଜୁବାଳା ଖଣ୍ଡୁଆଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ତାଙ୍କର ବହୁମୁଖୀ ପ୍ରତିଭା, କାର୍ଯ୍ୟ ଦକ୍ଷତା, କର୍ତ୍ତବ୍ୟନିଷ୍ଠା ଏବଂ ସ୍ୱାସ୍ଥ୍ୟ ବିଭାଗ ପ୍ରତି ତାଙ୍କର ଅବଦାନ ବିଷୟରେ ଉପସ୍ଥିତ କର୍ମକର୍ତ୍ତା ମତବ୍ୟକ୍ତ କରିଥିବା ସହିତ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ସ୍ୱାସ୍ଥ୍ୟ ପରିଦର୍ଶକ ଧବଳେଶ୍ୱର ମେହେର ପରିଚାଳନା କରିଥିବାବେଳେ, ବିଏଏମ୍ ଶୁଭ୍ରାଂଶୁ ଦଣ୍ଡସେନା, ବିଡିଏମ ବୈଶାମ୍ପାୟନ ମେହେର, କାଉନ୍‌ସେଲର ଲିଙ୍ଗେଶ୍ୱର ଦାସ, ପାର୍ଥିବ ଜଗତ, ଡିଙ୍ଗର ଦଳପତି, ବିକ୍ରମ ଅଗ୍ରୱାଲ, ରିକ୍ଷିରାଜ ନାଏକ ଏବଂ ସିଏଚଓ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଦିବ୍ୟରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା କଡ଼ରେ ବେଆଇନ ବାଲି ଗଚ୍ଛିତ

# ନିରବଦ୍ରଷ୍ଟା ସାଜିଛି ପ୍ରଶାସନ

**ଧର୍ମଗଡ଼, ୧।୪ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଡୁମୁରା ନିକଟସ୍ଥ ବିଜୁ ଏକ୍ସପ୍ରେସୱେ ରାସ୍ତା କଡ଼ରେ ଶହଶହ ଟ୍ରିପ୍ ବାଲି ବେଆଇନ ଭାବେ ଗଚ୍ଛିତ ହୋଇ ରହିଛି। ଏଥିପ୍ରତି ପ୍ରଶାସନର ନଜର ପଡୁନଥିବା ଅଭିଯୋଗ ହେଉଛି। ବିଭିନ୍ନ ସ୍ଥାନରେ ବେଆଇନ ବାଲି ଚାଲାଣ ଏବଂ ଖନନ ଏକ ବଡ଼ ସମସ୍ୟା ଭାବରେ ଉଭା ହୋଇଛି। ବିଶେଷ କରି କଳାହାଣ୍ଡି ଜିଲ୍ଲାରେ ବେଆଇନ ବାଲି ଉତ୍ତୋଳନ ବ୍ୟାପକ ରୂପ ନେଇଛି ଏବଂ ଏଥିରେ ରାଜନୈତିକ ସମ୍ପର୍କ ଥିବା ଅଭିଯୋଗ ହୋଇଛି। ଜିଲ୍ଲାର ବିଭିନ୍ନ ନଦୀରୁ ଶହ ଶହ ଟ୍ରିପ୍ ବାଲି ବେଆଇନ ଭାବେ ଉତ୍ତୋଳନ କରାଯାଉଥିବା ଦେଖିବାକୁ ମିଳିଛି, ଯାହା ପରିବେଶ ଓ ରାଜସ୍ୱ ପାଇଁ କ୍ଷତିକାରକ। ଏହିପରି ଅନେକ ଘଟଣା ସାମ୍ନାକୁ ଆସୁଥିବା ବେଳେ ଗୋଲାମୁଣ୍ଡା ବ୍ଲକର ଡୁମୁରା ଠାରେ ବେଆଇନ ଭାବେ ଗଚ୍ଛିତ ଥିବା ବାଲି ଉପରେ ପ୍ରଶାସନର ଦୃଷ୍ଟି ପଡ଼ିବା ଆବଶ୍ୟକ। ଏହାଦ୍ୱାରା କେବଳ ରାଜସ୍ୱ ହାନି ହେଉନାହିଁ, ବରଂ ପରିବେଶ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଛି।ବେଆଇନ ଭାବେ ବାଲି ଗଚ୍ଛିତ ରଖିବା ଏବଂ ଏହାର ଚୋରା ଚାଲାଣ କରିବା ଏକ ଅତ୍ୟନ୍ତ ଗୁରୁତର ଅପରାଧ ଅଟେ। ଏହା କେବଳ ସରକାରୀ ରାଜସ୍ୱ ହାନି କରେ ନାହିଁ, ବରଂ ପରିବେଶ ଉପରେ ମଧ୍ୟ ଏହାର ଭୟଙ୍କର ପ୍ରଭାବ ପକାଇଥାଏ। ନଦୀ ଶଯ୍ୟା ଏବଂ ନଦୀକୂଳ ଅଞ୍ଚଳରୁ ଅନିୟନ୍ତ୍ରିତ ବାଲି ଉତ୍ତୋଳନ ବନ୍ୟା, ମୃତ୍ତିକା କ୍ଷୟ ଏବଂ ଭୂଗର୍ଭସ୍ଥ ଜଳସ୍ତର ହ୍ରାସ ଭଳି ସମସ୍ୟା ସୃଷ୍ଟି କରିଥାଏ। ଏହା ଜଳଜୀବମାନଙ୍କ ବାସସ୍ଥାନକୁ ନଷ୍ଟ କରିବା ସହ ସମଗ୍ର ପରିବେଶକୁ ଅସନ୍ତୁଳିତ କରିଥାଏ। ଏହି ବେଆଇନ କାର୍ଯ୍ୟକଳାପ ପଛରେ ଏକ ସଂଗଠିତ ବାଲି ମାଫିଆ ଗୋଷ୍ଠୀର ହାତ ରହିଛି। ଏହି ମାଫିଆମାନେ ନିଜର ଆର୍ଥିକ ଲାଭ ପାଇଁ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରିଥାନ୍ତି। ସେମାନେ ବେଆଇନ ଭାବେ ବାଲି ଉତ୍ତୋଳନ କରି ଏହାକୁ ଚଢ଼ା ଦାମରେ ବିକ୍ରି କରିଥାନ୍ତି, ଯାହାଦ୍ୱାରା ସାଧାରଣ ଲୋକଙ୍କୁ ମଧ୍ୟ ଅଧିକ ଦାମରେ ବାଲି କିଣିବାକୁ ପଡ଼ିଥାଏ। ଏପରିକି, କେତେକ ସ୍ଥାନରେ ଏହି ବାଲି ମାଫିଆମାନେ ସାଧାରଣ ଲୋକଙ୍କ ଜମିରୁ ମଧ୍ୟ ବଳପୂର୍ବକ ବାଲି ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଛି।ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିବା ନିତାନ୍ତ ଆବଶ୍ୟକ।ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ବାଲି ଉପରେ ଏବଂ ଏଥିରେ ଜଡ଼ିତ ବାଲି ମାଫିଆମାନଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି। ପ୍ରଶାସନ ତରଫରୁ କଠୋର ପଦକ୍ଷେପ ନିଆଗଲେ ହିଁ ଏହି ବେଆଇନ କାର୍ଯ୍ୟକଳାପକୁ ରୋକାଯାଇପାରିବ। ଏଥିପାଇଁ ନିୟମିତ ଚଢ଼ାଉ, ଅପରାଧୀମାନଙ୍କୁ ଗିରଫ ଏବଂ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



# ତହସିଲ କାର୍ଯ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା



**ଧର୍ମଗଡ଼, ୧।୪(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ତହସିଲ କାର୍ଯ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଧର୍ମଗଡ଼ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଧର୍ମଗଡ଼ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କି, ଅତିରିକ୍ତ ତହସିଲଦାର ସମ୍ପଦ କୁମାର ମାଝୀ, କନିଷ୍ଠ କିରାଣି ଦୟାନିଧି ନାଏକ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ଧର୍ମଗଡ଼ ତହସିଲ କାର୍ଯ୍ୟାଳୟରେ ଅବସରଗ୍ରହଣ କରିଥିବା କନିଷ୍ଠ କିରାଣି ଦୟାନିଧି ନାଏକ ଏବଂ ମୟୁରଭଞ୍ଜ ଜିଲ୍ଲାକୁ ପଦୋନ୍ନତି ହୋଇଥିବା ଧର୍ମଗଡ଼ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କିଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆଜିର ବିଦାୟକାଳୀନ ସଭାରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେକ୍ସନ ଅଫିସର ରାମ ବିହାରୀ ମହାନନ୍ଦ କାର୍ଯ୍ୟକ୍ରମ କୁପରିଚାଳନା କରିଥିଲେ। ରେଭେନ୍ୟୁ ସୁପରଭାଇଜର ଚତୁର୍ଭୁଜ ନାଏକ, ଧର୍ମଗଡ଼ ରାଜସ୍ୱ ନିରୀକ୍ଷକ ଆଶିଷ କୁମାର ନାଏକ, ଧର୍ମଗଡ଼ ଗ୍ରାମାଞ୍ଚଳ ରାଜସ୍ୱ ନିରୀକ୍ଷକ ରଞ୍ଜିତା ପ୍ରଧାନ, କିର୍କାକାନି ରାଜସ୍ୱ ନିରୀକ୍ଷକ ସନ୍ତୋଷ କୁମାର ପଣ୍ଡା, କାଙ୍କେରି ରାଜସ୍ୱ ନିରୀକ୍ଷକ ପ୍ରେମା ବାଣୁଆ, ବୋଡେନ ରାଜସ୍ୱ ନିରୀକ୍ଷକ ଆଶିଷ ସାମଲ, ପର୍ଲା ରାଜସ୍ୱ ନିରୀକ୍ଷକ ହେମରାଜ ସାଗର, ରେକର୍ଡ କିପର ପ୍ରଣବ ଶବର, କିରାଣି ସୌମ୍ୟା ମେହେର, ପ୍ରିୟଙ୍କା ମହାନ୍ତି, ଚନ୍ଦ୍ରକାନ୍ତ ଦୁରିଆ, କିରଣ କରୁଆଁ, କବିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମାରାଗୁଡ଼ା ଲୋକ ମହୋତ୍ସବ ଉଦ୍‌ଘାଟିତ

# ମଶାଲ ଶୋଭାଯାତ୍ରା, ସାରସ୍ୱତ ସଭା ଓ କବିତା ପାଠୋତ୍ସବରେ କମ୍ପିଲା

ନୂଆପଡ଼ା, ୧।୪(ସମିସ)

ନୂଆପଡ଼ା ଜିଲ୍ଲାର ଇତିହାସ, ଐତିହ୍ୟ, ଲୋକକଳା ଓ ସଂସ୍କୃତିର ମହାପାର୍ବଣ ମାରାଗୁଡ଼ା ଲୋକମହୋତ୍ସବ ଶୁଭାରମ୍ଭ ହୋଇଛି। ସ୍ଥାନୀୟ କଣାଭେଁରା ମନ୍ଦିର ଓ ସାଲିହା ସ୍ମୃତି ସ୍ତମ୍ଭରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ବିଭିନ୍ନ ଦଳ ପକ୍ଷରୁ ଲୋକନୃତ୍ୟ ଓ ସାଂସ୍କୃତିକ ପ୍ରଦର୍ଶନୀ ଦେଖିବାକୁ ମିଳିଥିଲା। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ବିଧାୟକ ନୂଆପଡ଼ା ଜୟ ଢ଼ୋଲକିଆ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ସିଡିଓ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଜିଲ୍ଲାପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀ, ଭରତଲାଲ ରାଉତ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖରିଆରରୋଡ଼ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନଙ୍କ ସହ ଶତାଧିକ ଜନସାଧାରଣ ଯୋଗଦେଇଥିଲେ। ଏହାପରେ ନ୍ୟାସନାଲ ମହାବିଦ୍ୟାଳୟ ସଭାଗୃହରେ ଏକ ସାରସ୍ୱତ ସଭା ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଥିବାବେଳେ ପରେ ପରେ ସାଂସ୍କୃତିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




# ଓଡ଼ିଆ ଅଧ୍ୟାପକଙ୍କ ଅବସରକାଳୀନ ସଭା



**ଗୋଲାମୁଣ୍ଡା, ୧।୪ (ସମିସ):** ଗୋଲାମୁଣ୍ଡା ସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରତାପ ଚନ୍ଦ୍ର ନାୟକ ଅବସର ନେଇଛନ୍ତି। ସମସ୍ତ ଶିକ୍ଷକ-ଅଣଶିକ୍ଷକ କର୍ମଚାରୀଙ୍କ ଗହଣରେ ତାଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନିଜର ଭୂମିକାକୁ ଚିହ୍ନିପାରି ତାକୁ ଚରିତାର୍ଥ କରିବାର କଳା ସମସ୍ତଙ୍କ ପାଖରେ ନଥାଏ, ଏହାକୁ ଆପଣାର ଓ ଆହରଣ କରିବାକୁ ପଡେ। ଜୁଆର ସିନା କୂଳରେ ମଥାପିଟି ଫେରିଯାଏ, ମାତ୍ର ବାଲିର ଶେଜରେ ଯେଉଁ ସ୍ମୃତିର ମୁକ୍ତାଗର୍ଭା ଶାମୁକା ଛାଡିଯାଏ - ତାହା ହିଁ ଜୁଆରିଆ ସମୟର ପ୍ରତ୍ୟାର୍ପଣ ବୋଲି ନିଜର ବକ୍ତବ୍ୟରେ ଅଧ୍ୟାପକ ଶ୍ରୀ ନାୟକ ପ୍ରକାଶ କରିଥିଲେ।

# ପାନୀୟଜଳ ସମସ୍ୟା ଅଧିକାରୀ ଓ ଯନ୍ତ୍ରୀଙ୍କୁ ଘେରିଲେ ମହିଳା

ସିନାପାଲି, ୧।୪ (ସମିସ)



ସିନାପାଲି ବ୍ଲକ ସଦର ବାହାଲପଡ଼ାରେ ପାନୀୟଜଳ ସମସ୍ୟା ନେଇ ଗତ ୨୩ ତାରିଖ ଦିନ ସ୍ଥାନୀୟ ମହିଳାମାନେ ବ୍ଲକ ଅଫିସ ଘେରଉ କରି ତୁରନ୍ତ ସମାଧାନ କରିବାକୁ ଦାବି କରିଥିଲେ। ଏନେଇ ବିଭାଗୀୟ ଯନ୍ତ୍ରୀ ପହଞ୍ଚି ବୁଝାସୁଝା କରି ଏକ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରତିଶ୍ରୁତି ମୁତାବକ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ୟାର ସମାଧାନ ନହେବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ସୋମବାର ବ୍ଲକ ସଭା ଗୃହରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ଅଭିଯୋଗ କରିବା ସହ ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ତତ୍‌ସହିତ ସିନାପାଲି ବିଡିଓ ତଥା ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କୁ ମହିଳା ମାନେ ଘେରିଯାଇଥିଲେ। ଦୀର୍ଘ ସମୟ ଆଲୋଚନା ପରେ ଖୁବ୍ ଶୀଘ୍ର ପାନୀୟଜଳ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଭଳି ପ୍ରତିଶ୍ରୁତି ରେ ବର୍ଷବର୍ଷ ବିତିଯାଇଛି। କିନ୍ତୁ ସମସ୍ୟାର ସମାଧାନ ହେଉନାହିଁ। ପ୍ରକାଶଯୋଗ୍ୟ ଯେ ବାହାଲପଡ଼ାରେ ବିଶୁଦ୍ଧ ପାନୀୟ ଜଳର ଉତ୍କଟ ରୂପ ଦେଖାଦେଇ ଥିବାବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ବାହାଲପଡ଼ାର ମହିଳା ମାନେ ଗତ ୨୩ ତାରିଖ ଦିନ ଏକତ୍ର ହୋଇ ବ୍ଲକ ଅଫିସ ସମ୍ମୁଖରେ ବାଲ୍‌ଟି, ମାଠିଆ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ତୁରନ୍ତ ପାନୀୟଜଳ ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ପ୍ରାପ୍ତ ଖବର ଅନୁସାରେ ଆଜକୁ ପ୍ରାୟ ବର୍ଷେହେବ ବାହାଲପଡ଼ାରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ଏଠାରେ ଥିବା ନଳକୂପ ମରାମତି ଅଭାବରୁ ଅଚଳ ହୋଇ ପଡ଼ିଛି। ସେହିପରି ପାଇପ ଲାଇନ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଣ ମଧ୍ୟ ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀ କିମ୍ବା ଜନପ୍ରତିନିଧି କର୍ଣ୍ଣପାତ କରୁନାହାନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଏନେଇ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ମହିଳାମାନେ ଏକତ୍ର ହୋଇ ବାରମ୍ବାର ବ୍ଲକ ଅଫିସ ସମ୍ମୁଖରେ ଧାରଣାରେ ବସୁଥିବା ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ପ୍ରେମ ଠେଲା ଓ ହେମ ଗହିରଙ୍କ ସହ ଅନେକ ମହିଳା ଦାବି କରିଛନ୍ତି।

# ଅଦିନିଆ ରଥଯାତ୍ରା ପାଳନକୁ ନେଇ ଉଦ୍‌ବେଗ

**ଧର୍ମଗଡ଼, ୧।୪(ସମିସ):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଅଦିନରେ ବିଶ୍ୱର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କରାଯାଉ ଥିବାରୁ ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, କଳାହାଣ୍ଡି ଶାଖା ତରଫରୁ ତୀବ୍ର ବିରୋଧ କରଯାଇଛି। ଆଜି ଧର୍ମଗଡ଼ ଠାରେ ଜଗନ୍ନାଥ ସଂସ୍କୃତି ପ୍ରେମୀ ଓ ବିଭିନ୍ନ ସାମାଜିକ ସଂଗଠନ ର କର୍ମକର୍ତ୍ତା ସ୍ଥାନୀୟ ହୋଟେଲ ରୟାଲ ପେଲେସ୍ ଠାରେ ଏକତ୍ରିତ ହୋଇ ଅଦିନିଆ ରଥଯାତ୍ରା ପାଳନକୁ ବିରୋଧ କରିଛନ୍ତି। ସାରା ବିଶ୍ୱରେ ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ଅଦିନରେ ରଥଟଣା କାର୍ଯ୍ୟରୁ ବିରତ ରହିବା ପାଇଁ ମତ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ରାଜ୍ୟ ସଭାପତି ରାଧେଶ୍ୟାମ ପଣ୍ଡା, ଉପ ସଭାପତି ତୁଷାର ରଞ୍ଜନ ପଟ୍ଟଯୋଶୀ, ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ମୁଣ୍ଡ, କୃପାସିନ୍ଧୁ ପଣ୍ଡା, ଆଚାର୍ଯ୍ୟ ହୃଷିକେଶ ମିଶ୍ର, ସୁରେଶ ଚନ୍ଦ୍ର ମୁଣ୍ଡ, ବିଦ୍ୟାଧର ସାହୁ, ସନ୍ତୋଷ କୁମାର ମେହେର, ସୁରେନ୍ଦ୍ର କୁମାର ମୁନି, ସରୋଜ ସାହୁ, ବରିଷ୍ଠ ନାଗରିକ ସଂଘର ସଦସ୍ୟ ଗୁଣନିଧି ମାଝୀ, ବିଘ୍ନରାଜ ପଟ୍ଟଯୋଷୀ ଉପସ୍ଥିତ ଥିଲେ।






ବୌଦ୍ଧ ରାମଲୀଳାରେ ମଞ୍ଚସ୍ଥ ବାଳିବଧର ଦୃଶ୍ୟ

# ଥୁଆମୂଳ ରାମପୁରରେ ଉତ୍କଳ ଦିବସ

**ଥୁଆମୂଳ ରାମପୁର, ୧।୪(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାରେ ବ୍ଲକ ପ୍ରଶାସନ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ବୁଧବାର ଉତ୍କଳ ଦିବସ ପାଳିତ ହୋଇଛି। ଏହି ଅବସରରେ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ମା' ମାଣିକେଶ୍ୱରୀ ମନ୍ଦିର ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ସ୍ଥାନୀୟ ଲୋକଙ୍କ ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଅଂଶଗ୍ରହଣ କରି ସହର ପରିକ୍ରମା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ସଂଯୋଜକ (ଆବାସ ଯୋଜନା) ରାଜେନ୍ଦ୍ର ନାରାୟଣ ଦେବ, ବିପିଏ (ଓଏଲ୍‌ଏମ୍) ଦିବ୍ୟ ରଞ୍ଜନ ନାଏକ, କନିଷ୍ଠ ଯନ୍ତ୍ରୀ ଆଶିଷ ସାହୁ, ଜିତୁ ଦାଶ, ଅନାଦି ନାଏକ, ପ୍ରାଣୀ ମିତ୍ର ଭାବିନିକା ବାଗ ଓ ସି.ଆର୍.ପି ଯାଜ୍ଞସିନି ବାଗ ଉପସ୍ଥିତ ଥିଲେ।




# ୩୩ ତମ ସୁବର୍ଣ୍ଣପୁର ଜିଲ୍ଲା ପ୍ରତିଷ୍ଠା ଦିବସ



**ତରଭା, ୧।୪(ସମିସ):** ସୁବର୍ଣ୍ଣପୁର ଟାଉନ ହଲରେ ବୁଧବାର ଜିଲ୍ଲାସ୍ତରୀୟ ୯୧ତମ ଓଡ଼ିଶା ଦିବସ ଓ ୩୩ତମ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ପୌରାଧକ୍ଷା ତାମଶି ତମସ୍ୱିତା ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସାସ୍ଥ୍ୟ ଅଧିକାରୀ ଡ. ଉଷାରାଣୀ ଦାଶ, ଉପ ଜିଲ୍ଲାପାଳ ସୁମ୍ୟାରୁପା ରଥ, ସୋନପୁର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ ଜ୍ୟୋତି ରଞ୍ଜନ ବହିଦାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ସଭାପତିତ୍ୱ କରିଥିଲେ। ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରୀତି ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଟାଉନ ହଲରେ ମହିଳା ଓ ଛାତ୍ରୀଙ୍କୁ ନେଇ ହୋଇଥିବା ମୁରୁଜ ବା ରଙ୍ଗୋଲି ପ୍ରତିଯୋଗିତା ର ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ମହାପୁରୁଷ, ବରପୁତ୍ର, ଓଡ଼ିଶାର କଳା ସଂସ୍କୃତି, ଦର୍ଶନୀୟ ସ୍ଥାନ ଇତ୍ୟାଦି ଉପରେ ଏହ ଫଟୋ ପ୍ରଦର୍ଶନୀ ମଧ୍ୟ ଟାଉନ ହଲ୍‌ରେ ଆୟୋଜିତ ହୋଇଥିଲା। ଶେଷରେ ବିଭିନ୍ନ ବ୍ଲକର ବିଦ୍ୟାଳୟରୁ ଆସିଥିବା ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ, ଜିଲ୍ଲା ପ୍ରଶାସନ ଦ୍ୱାରା ଭୋର ୪ଟାରେ ଡାକବଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ସହ ସହର ପରିକ୍ରମା କରାଯାଇଥିଲା। ସକାଳ ସାଢେ ୭ଟାରେ ସୁବର୍ଣ୍ଣପୁର ସହରରେ ଅବସ୍ଥାପିତ ମହାପୁରୁଷ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ୮ଟାରେ ଜିଲ୍ଲାପାଳ ଡ. ନୃପରାଜ୍ ସାହୁଙ୍କ ଦ୍ୱାରା ସୁବର୍ଣ୍ଣପୁର ସହରସ୍ଥିତ ସ୍ୱଧାର ଗୃହଠାରେ ଅନ୍ତେବାସୀଙ୍କୁ ବସ୍ତ୍ର ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା। ସେହିଭଳି ଉତ୍କଳ ବାଳାଶ୍ରମରେ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ ସହ କୁଷ୍ଠାଶ୍ରମରେ ମଧ୍ୟ ଅନ୍ତେବାସୀଙ୍କୁ ବସ୍ତ୍ର ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ସିନାପାଲିରେ ପ୍ରଥମ ପର୍ଯ୍ୟାୟ ଜନଗଣନା

**ସିନାପାଲି, ୧।୪ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟ ଜନଗଣନା ଆରମ୍ଭ ହୋଇଯାଇଛି। ସିନାପାଲି ତହସିଲଦାର ତଥା ଜନଗଣନା ଅଧିକାରୀ ଉପାଞ୍ଜଳି ମାଝୀଙ୍କ ନେତୃତ୍ୱରେ ସରକାରଙ୍କ ନିୟମ ଅନୁସାରେ ୧ ଏପ୍ରିଲରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନା ଆରମ୍ଭ ହୋଇଛି। ସିନାପାଲି ବ୍ଲକ ଉପାଧକ୍ଷା ମୀନା ଘିଭେଲା ତଥା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଲିଙ୍ଗରାଜ ଘିଭେଲାଙ୍କ ଘରୁ ଜନଗଣନାର ଶୁଭାରମ୍ଭ କରାଯାଇଛି। ଏଥିରେ ପରିବାର ର ସମସ୍ତ ତଥ୍ୟ ରହିବ ଓ ଏଥିପାଇଁ ୩୪ ଟି ପ୍ରଶ୍ନ ରହିଥିବା ବେଳେ ସେଗୁଡ଼ିକର ସଠିକ ତଥ୍ୟ ପ୍ରଦାନ କରିବାକୁ ପରିବାର ମୁଖ୍ୟଙ୍କୁ କୁହାଯାଉଛି। ସିନାପାଲି ଅତିରିକ୍ତ ତହସିଲଦାର ମନୋରଞ୍ଜନ କେରକେଟା ସମେତ ଅନେକ ତାଲିମପ୍ରାପ୍ତ ଜନଗଣନା ଅଧିକାରୀ ସାମିଲ ରହି ଜନଗଣନାର ଶୁଭାରମ୍ଭ କରିଥିଲେ।



# ସିରିମସ୍କା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ଥୁଆମୂଳ ରାମପୁର, ୧।୪(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ଅଧୀନ ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ବାର୍ଷିକ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବୈରାଗୀ ଚରଣ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ତପିମଣୀ ଜାନୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମ ବିକାଶ ଶିକ୍ଷା ନିକେତନର ଶିକ୍ଷକ ରାମଚନ୍ଦ୍ର ନାୟକ ଏବଂ ସି.ଆର୍.ସି.ସି ମୁକୁନ୍ଦ ବାଗ ଯୋଗଦେଇ ଥିଲେ। ଦିନେଶ ଦୁର୍ଗା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କୁ ମୋହିତ କରିଥିଲେ। ଏହା ସହିତ ଗତ ଡିସେମ୍ବର ମାସରେ ଆୟୋଜିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

## କେପିଏଲ ସିଜନ-୧ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବଜରଙ୍ଗୀ ଫାଇଟର୍ସକୁ ହରାଇ ଟ୍ରିଡେଣ୍ଟ ୱାରିୟର୍ସ ଚାମ୍ପିଅନ

**ଲାଞ୍ଜିଗଡ଼, ୧।୪ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କାନକୁଟୁରୁ ପଞ୍ଚାୟତ ସ୍ଥିତ ମଟକେରା ଖେଳପଡ଼ିଆରେ ପଞ୍ଚାୟତସ୍ତରୀୟ କେପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମଟକେରା କ୍ରିକେଟ୍ କମିଟି ଦ୍ୱାରା ଆୟୋଜିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ମ୍ୟାଚରେ ଟ୍ରିଡେଣ୍ଟ ୱାରିୟର୍ସ ଓ ବଜରଙ୍ଗୀ ଫାଇଟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ପ୍ରଥମେ ବଜରଙ୍ଗୀ ଫାଇଟର୍ସ ଟସ୍‌ଜିତି ବ୍ୟାଟିଂ କରି ୬ ଓଭର ବିନିମୟରେ ୮ଉଇକେଟ ହରାଇ ୩୭ ରନ ସଂଗ୍ରହ କରିଥିବାବେଳେ ଟ୍ରିଡେଣ୍ଟ ୱାରିୟର୍ସ କ୍ରିକେଟ ଦଳ ୫ ଓଭର ୪ ବଲ ବିନିମୟରେ ୮ ୱାଇକେଟ ହରାଇ ବିଜୟ ହାସଲ କରିଥିଲେ। ମୁଖ୍ୟ ଅତିଥିଭାବେ କାନକୁଟୁ ସରପଞ୍ଚ ବନମାଳୀ ମାଝୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସ୍କୁଲ ପ୍ରଧାନଶିକ୍ଷକ ପଞ୍ଚାନନ ନାଗ, ନରେନ୍ଦ୍ର ନାଏକଙ୍କ ସମେତ ସ୍ଥାନୀୟ ଜିଓଟେଗର ଦୁରେନ୍ଦ୍ର ବିଭାର ଓ ୱାର୍ଡ଼ ମେମ୍ବର ରଏବାରୁ ବେସ୍ରା ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ମ୍ୟାଚରେ ଉମାକାନ୍ତ ବନ୍ଧପାରିଆ ଓ ଯଶୋବନ୍ତ ମାଝୀ ଖେଳ ପରିଚାଳନା କରିଥିବାବେଳେ ବେଣୁଧର ବାଗ, ଯୁବ ସାମ୍ବାଦିକ ମଳୟ ବେନୁଆଁ ଓ ରାଜେଶ ଧମୁଡ଼ିଆ ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଆୟୋଜିତ କମିଟିର ସଦସ୍ୟ ସୋମନାଥ ବିଶି, ହରିଶ୍ଚନ୍ଦ୍ର ନାଏକ, ଉମାକାନ୍ତ ବନ୍ଧପାରିଆ, ମୁକେଶ ମାଝୀ, ଜୟକ୍ରିଷ୍ଣା ନାଗ, ରଞ୍ଜିତ ବିଭାର, ପପିନ ବନ୍ଧପାରିଆ, ନରେନ୍ଦ୍ର ନାଏକ, ରାଜେଶ କରୁଆଁ, ପ୍ରକାଶ ନାଗ, ଖଗେଶ୍ୱର ହରପାଲ, ମଳୟ ପାତ୍ର, କମେଶ୍ୱର ହରପାଲ ପ୍ରମୁଖ ସହଯୋଗ କରିଥିଲେ।




# ୩ ଦିନ ହେଲା ବୃଦ୍ଧା ନିଖୋଜ

**କୋକସରା, ୧।୪(ସମିସ):** କୋକସରା ବ୍ଲକ ଆମପାଣି ଥାନା ଅଧୀନ ଘଣ୍ଟିଗୁଡ଼ା ଧୋବେନପଡ଼ାର ଦେବି ସିଂ ମୁଲକିଆଙ୍କ ସ୍ତ୍ରୀ ଡାଳିମ୍ବ ମୁଲକିଆ (୮୬) ଗତ ତିନି ଦିନ ହେଲା ନିଖୋଜ ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ନ ପାଇବାରୁ ଆମପାଣି ଥାନାରେ ନିଖୋଜ ମାମଲା ରୁଜୁ କରିଛନ୍ତି। ସୂଚନା ଅନୁସାରେ, ବୃଦ୍ଧା ମହିଳା ଜଣକ ସୋମବାର ଅପରାହ୍ନରେ କାଜୁ ସଂଗ୍ରହ କରିବାକୁ ବଗିଚା ଯାଇଥିଲେ। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ଏହାପରେ ପରିବାର ଲୋକ ଅନେକ ଖୋଜାଖୋଜି ଆରମ୍ଭ କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନଥିଲେ। ଏନେଇ ନିଖୋଜ ବୃଦ୍ଧା ଡାଳିମ୍ବଙ୍କ ନାତି ସଞ୍ଜୀବ ମୁଲକିଆ ୩୦ ତାରିଖରେ ଆମପାଣି ଥାନାରେ ଏକ ନିଖୋଜ ମାମଲା ଦେଇଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ବୁଧବାର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳିପାରିନାହିଁ। ଅନ୍ୟପଟେ ପରିବାର ଓ ସମ୍ପର୍କୀୟ ମାନେ ପୁଣିଥରେ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।



# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଓଡ଼ିଶା ଦିବସ

**ଭବାନୀପାଟଣା, ୧।୪(ସମିସ):** ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କଳାହାଣ୍ଡି ଓ ମାଟିଲଗ୍ନା ସାହିତ୍ୟ ସଂସଦ ମିଳିତ ଉଦ୍ୟମରେ ୯୦ ତମ ଭାଷାଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ଦିବସର ସ୍ମୃତି ଅବସର ରେ ସାରସ୍ୱତ ମହାମିଳନ ଓ ସମାର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଅସ୍ମିତା ଓ ଐତିହ୍ୟ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ କିଶୋରଚନ୍ଦ୍ର ପ୍ରଧାନ, ସଭାପତି ମାଟି ଲଗ୍ନା ସାହିତ୍ୟ ସଂସଦ, ମୂଖ୍ୟ ବକ୍ତା ଭାବରେ ପ୍ରୋ ଡ଼ ତ୍ରିଲୋଚନ ଜେନା ଅଧକ୍ଷ ମହିଳା ମହାବିଦ୍ୟାଳୟ ଓ ସମ୍ମାନିତ ଅତିଥି ଭାବରେ ଅଜୟ କୁମାର ମିଶ୍ର, ସାହିତ୍ୟକ ଅଧାପିକ ହସମୀର ମହାପାତ୍ର, ସବିତା ପଟ୍ଟନାୟକ, ସନ୍ତୋଷ କୁମାର ପଣ୍ଡା, ଉମାଶଙ୍କର ରଥ ଯୋଗଦାନ କରିଥିଲେ। କିଶୋର ଚନ୍ଦ୍ର ତ୍ରିପାଠୀ, ମହେନ୍ଦ୍ର କୁମାର ପଣ୍ଡା ଓ ମନୋଜ ପାଣିଗ୍ରାହୀ ପରିଚାଳନା କରିଥିଲେ। ରାଜେନ୍ଦ୍ର ଦୁରିଆ, ତିଲକ ରାମ ନିଆଲ, ସୁଦେଷ୍ଣା ପଣ୍ଡା, ନଳିନୀପ୍ରଭା ଦାସ, ଅଧାପିକା ବାସନ୍ତୀ ସାହୁ, କବିରାଜ ଦୁର୍ଗା, ଶୋଭାଗିନୀ ନନ୍ଦ, ରଞ୍ଜିତା ମୁଣ୍ଡ ଶର୍ମା, ଅଶୋକ କୁମାର ଖମାରୀ, ସୋହନ ଲାଲ ଅଗ୍ରୱାଲ, ବସନ୍ତ କୁମାର ସ୍ୱାଇଁ, ଦିଲୀପ ପଣ୍ଡା, ମୋହନ ଭଟ୍ଟ, ସଂଘମିତ୍ରା କାନୁନଗୋ ସଙ୍ଗୀତା ମୋହନ ଗହୀର, ମହେନ୍ଦ୍ର ପଣ୍ଡା ପ୍ରମୁଖ ୪୩ ଜଣ କବି କବୀୟତ୍ରିଙ୍କ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି।



# ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ଥୁଆମୂଳ ରାମପୁର, ୧।୪(ସମିସ)

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଥୁଆମୂଳ ରାମପୁର ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ଲିଃର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ପରିଚାଳନା ପରିଷଦର ସଦସ୍ୟ ବିରଞ୍ଚି ନାରାୟଣ ମୁଣ୍ଡଛିନାଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଆଦିବାସୀ ସମ୍ମିଳନୀ ଗୃହରେ ସମବାୟ ସମିତିର ପୁରାତନ ସଦସ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ମୁଣ୍ଡଛିନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ପଣ୍ଡା, ସାମ୍ବାଦିକ କୈଳାସ ଚନ୍ଦ୍ର ଛତ୍ରିଆ, ପରିଚାଳନା ପରିଷଦର ସଦସ୍ୟ ସନାତନ ମାଝୀ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ତଥା ବରିଷ୍ଠ ସଦସ୍ୟ ନରସିଂହ ନାଏକ ଏବଂ ବରିଷ୍ଠ ସଦସ୍ୟ କେଶରୀ ମାଝୀ ଉପସ୍ଥିତ ଥିଲେ। ସମିତିର ବରିଷ୍ଠ ସଦସ୍ୟ ଭୂବନେ ନାଏକ ଏବଂ ସୁରେଶ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱମ୍ବର ପୁଝାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ସମବାୟ ସମିତିରେ ବ୍ଲକର ଥୁଆମୂଳ ରାମପୁର ସମେତ ଗୋପାଳପୁର, ସିନ୍ଧିପଦର, ଥୁଆମୂଳ, ତଳଝାପି, ବାଗଡ଼ିଆଣି, ଡୁମେରପଦର ଏବଂ ବିରିକୋଟ ଏହି ୮ଟି ପଞ୍ଚାୟତର ଅଂଶିଦାର ଚାଷୀ ସଦସ୍ୟ ରହିଛନ୍ତି। ଯେଉଁଠି ମୋଟ ୫୯୩ ଚାଷୀ ନିୟମିତ ଭାବେ ଜଡ଼ିତ ଥିବା ସୂଚନା। ୨୦୨୫-୨୬ ଆର୍ଥିକ ବର୍ଷରେ ଖରିଫ ଚାଷ ପାଇଁ ମୋଟ ୨୩୬ ଜଣ ଚାଷୀଙ୍କୁ ୯୮, ୫୬, ୨୩୬ ଟଙ୍କା ଋଣ ପ୍ରଦାନ କରାଯାଇଥିବା ବେଳେ ଏବଂ ରବି ଚାଷ ପାଇଁ ମୋଟ ୯୭, ୮୨୦୦୦ ଏଥି ସହିତ ତିନୋଟି ଗ୍ରୁପ୍ କୁ ୫୦ହଜାର ଲେଖାଏଁ ଋଣ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ରବି ଓ ଖରିଫ ପାଇଁ ୪୩୦ ଜଣ ଚାଷୀ ଏହି ବୀମା କରିଥିବା ଜଣାପଡ଼ିଛି। ଥୁଆମୂଳ ରାମପୁରରେ ସମବାୟ ସମିତି ଦ୍ୱାରା ବ୍ୟାଙ୍କ ସେବା ଉପଲବ୍ଧ ଥିଲା। କିନ୍ତୁ ଦୀର୍ଘ ବର୍ଷ ହେବ ତାହା ଏଠାରୁ ସେବା ବନ୍ଦ କରିବା ଦ୍ୱାରା ସମବାୟ ସମିତି ପରିଚାଳନାରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଏଠାରେ ଏହି ସେବା ପୁନଃ ସ୍ଥାପନ କରିବା ସହିତ ବିଭିନ୍ନ ସୁବିଧା ଯୋଗାଇବାର ଦାବି ହୋଇଆସୁଥିଲା। ଯାହା ନିକଟ ଭବିଷ୍ୟତରେ ପୂରଣ ହେବାର ସମ୍ଭାବନା ଉଜ୍ୱଳ ହେବ ବୋଲି ସମବାୟ ସମିତି କର୍ତ୍ତୃପକ୍ଷରୁ ସୂଚନା ରହିଛି। ଥୁଆମୂଳ ରାମପୁର ବ୍ଲକରେ ମାଣ୍ଡିଆ, ବାଜରା, ହରଡ, ଭଳି ଚାଷ ହେଉଥିବା ବେଳେ ତେନ୍ତୁଳି, ଚାହାର, ଅଁଳା ଭଳି ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ଗୁଡିକର କ୍ରୟ ବ୍ୟବସ୍ଥା ହେଲେ ସ୍ଥାନୀୟ ଅଞ୍ଚଳର ଲୋକେ ଉପକୃତ ହୋଇପାରିବେ ବୋଲି ମତ ଉଠିଥିଲା। ହେଲେ ଇତି ମଧ୍ୟରେ ଚଳିତ ବର୍ଷ ସମବାୟ ସମିତି ଦ୍ୱାରା ଗୋପାଳପୁର ଠାରେ ଏକ ମଣ୍ଡି ଖୋଲାଯାଇଥିବା ସୂଚନା ଦିଆଯାଇଛି। ଏହି ବାର୍ଷିକ ସାଧାରଣ ସଭାରେ ସମବାୟ ସମିତି ଲିଃ ଅନ୍ତର୍ଭୁକ୍ତ ବିଭିନ୍ନ ଗ୍ରାମ ପଞ୍ଚାୟତର ସଦସ୍ୟ ଉପସ୍ଥିତ ଥିଲେ।



